ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.74 Bhubaneswar Tuesday April 25 2023 | ୨୬ତମ ବର୍ଷ ସଂଖ୍ୟା-୭୪ ଭୁବନେଶ୍ୱର, ମଙ୍ଗଳବାର, ଅପ୍ରେଲ ୨୫, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS

## ନବୀନଙ୍କ ମହିଳା ସଶକ୍ତିକରଣ ଏମିତି: ପତ୍ନୀ ବ୍ଲକ୍ ଅଧକ୍ଷା, ପତି କରୁଛନ୍ତି ସରକାରୀ ଫାଇଲରେ ଦସ୍ତଖତ





ଭୁବନେଶ୍ୱର, ୨୪।୪(ପି.ଏନ): ରାଜ୍ୟରେ ୭୦ଲକ୍ଷ ମହିଳାଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରି ସେମାନଙ୍କର ଆର୍ଥିକ ଓ ସାମାଜିକ ସ୍ୱାବଲମ୍ବୀ ଏବଂ ପଂଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେଇ 'ମହିଳା ସଶକ୍ତିକରଣ'ର ଡିଣ୍ଡିମ ପିଟୁଥିବା ନବୀନ ପଟ୍ଟନାୟକ ସରକାରର ଅସଲ ଚେହେରା ପଦାରେ ପଡିଛି । ଜଣେ ମହିଳାଙ୍କୁ ବ୍ଲକ ଅଧକ୍ଷା(ପଂଚାୟତ ସମିତି ଅଧକ୍ଷା) ପଦରେ ଆସୀନ କରାଇ ତାଙ୍କ ସ୍ୱାମୀ ନିଜେ ବିଭିନ୍ନ ସରକାରୀ ଫାଇଲରେ ଦସ୍ତଖତ କରୁଥିବା ଭଳି ସଙ୍ଗୀନ ଅଭିଯୋଗ ଆସିଛି । ଆଉ ଏସବୁ ଦସ୍ତଖତ ଥିବା ସରକାରୀ ଫାଇଲ କିଭଳି ବିଧିସମ୍ମତ ହେଉଛି ଓ ଏହା ଉପରେ ସ୍ଥାନୀୟ ବିଡିଓ କିମ୍ବା ଅନ୍ୟ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ କାହିଁକି ଆପତ୍ତି ଉଠାଉନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି । ଏହାସହିତ ଏଭଳି ଜାଲ୍ ଦସ୍ତଖତରେ ଯେଉଁ ସବୁ ନିଷ୍ପତ୍ତି ନିଆଯାଇଛି ତା'ର ବୈଧତା ଉପରେ ମଧ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ସ୍ଥାନୀୟ ବିଧାୟିକାଙ୍କ ଜାଣତରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ବରଗଡ ଜିଲ୍ଲାର ପଦ୍ମପୁର ବିଧାନସଭା ନିର୍ବାଚନମଣ୍ଡଳୀର ଝାରବନ୍ଧ ବ୍ଲକର ପଂଚାୟତସମିତି ଅଧକ୍ଷା ଭାବେ ଲିପସା ପ୍ରଧାନ କାର୍ଯ୍ୟ କରୁଛନ୍ତି । କିନ୍ତୁ ପଂଚାୟତସମିତି ଅଧକ୍ଷା(ବ୍ଲକ ଚେୟାରମ୍ୟାନ) ଭାବେ ସେ ଯେଉଁସବୁ ସରକାରୀ ଫାଇଲରେ ଦସ୍ତଖତ କରିବା କଥା ତାହା ସେ କରନ୍ତି ନାହିଁ । ତାଙ୍କ ସ୍ୱାମୀ ବିଜୟ ପ୍ରଧାନ ବ୍ଲକର ବିଭିନ୍ନ ସରକାରୀ ଫାଇଲରେ ସ୍ୱାକ୍ଷର କରିଥାନ୍ତି । ତା'ପୁଣି ଲିପସାଙ୍କ ଜାଲ୍ ଦସ୍ତଖତ । ଏ ସଂକ୍ରାନ୍ତ ଭିଡିଓ 'ଓଡିଶା ରିପୋର୍ଟର'ର ହସ୍ତଗତ ହୋଇଛି, ଯେଉଁଥିରେ ବିଜୟ ନିଜେ ସରକାରୀ ଫାଇଲରେ ଦସ୍ତଖତ କରୁଥିବା ସ୍ୱୀକାର କରିଛନ୍ତି । କେବଳ ସେତିକି ନୁହେଁ ଗତ ଏପ୍ରିଲ ୧୫ତାରିଖରେ ଝାରବନ୍ଧ ପଂଚାୟତସମିତି ବୈଠକରେ କିଛି ସମିତି ସଭ୍ୟ ଏଭଳି ଅଭିଯୋଗ ଉତଥାପନ କରିଥିଲେ ।

## ରଥଖଳା ଚଳଚଂଚଳ : ଚକ ପାଇଁ ତୁମ୍ବ ନିର୍ମାଣ କାର୍ଯ୍ୟ ଆରମ୍ଭ

ପୁରୀ, ୨୪।୪(ପି.ଏନ): ଅକ୍ଷୟ ତୃତୀୟାରେ ଗତକାଲି ରଥ ନିର୍ମାଣର ଅନୁକୂଳ ହୋଇଥିବା ବେଳେ ଆଜି ରଥଖଳାରେ ବିଧିବଦ୍ଧ ଭାବେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ରଥଖଳା ଚଳଚଂଚଳ ହୋଇଉଠିଛି । ପ୍ରଥମ ପର୍ଯ୍ୟାୟରେ ରଥ ପାଇଁ ଚକ ନିର୍ମାଣ କରାଯିବ । ଆଜି ବିଶ୍ୱକର୍ମା ମହାରଣା ମାନେ ଚକ ପାଇଁ ତୁମ୍ବ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ରଥ ଅମିନ, ଚିତ୍ରକାର, ରୂପକାର, ଦରଜି ସେବକ, ଓଝା ସେବକ, ଭୋଇ ସେବକ ମାନେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ରଥ ଖଳାରେ ତିନୋଟି ୧୨ ଫୁଟିଆ ଧଉରା କାଠ ରଖାଯାଇ ଗତକାଲି ପୂଜାର୍ଚ୍ଚନା ପରେ ବିଶ୍ୱକର୍ମା ମହାରଣା ମାନେ ସୁନା ଓ ରୂପା କୁରାଢ଼ୀ ସ୍ପର୍ଶ କରି ତିନି ରଥ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଆଜିଠାରୁ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆରମ୍ଭ ହୋଇଛି । ଜୁନ୍ ୨୦ରେ ପୁରୀ ରଥଯାତ୍ରା ଅନୁଷ୍ଠିତ ହେବ ।

## ୧୫ ପ୍ରସ୍ତାବକୁ କ୍ୟାବିନେଟ୍ ମଂଜୁରୀ

ଭୁବନେଶ୍ୱର, ୨୪।୪(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ସୋମବାର ଅପରାହ୍ନରେ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ବିଜୁ ସେତୁ ଯୋଜନାର ଅବଧିକୁ ୨୦୨୫-୨୬ ମସିହାକୁ ବୃଦ୍ଧି କରାଯିବା ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁର କରିଛି । ଉକ୍ତ ଯୋଜନାରେ ୮୬୬ଟି ନୂତନ ସେତୁ ନିର୍ମାଣ କରାଯିବ । ଏଥିପାଇଁ ୩୫୯୭.୨୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ଓଡିଶା ଅବକାରୀ ଅମଲା ସେବା (ଅବକାରୀ ନିର୍ଦ୍ଦେଶାଳୟ ଅଧୀନସ୍ଥ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟର କନିଷ୍ଠ ସହାୟକ , ବରିଷ୍ଠ ସହାୟକ ଏବଂ ଉପ ବିଭାଗ ଅଧିକାରୀଙ୍କ ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତାବଳୀ) ନିୟମ ୨୦୨୩ ର ପ୍ରଚଳନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି । ସେହିପରି ଅବକାରୀ ସବଇନସପେକ୍ଟର ନିଯୁକ୍ତି ନେଇ ନୂଆ ଅଧିନିୟମ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଓଡିଶା ଇଭି ପଲିସି-୨୦୨୧ରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି ।ଓଡିଶା ବୈଦ୍ୟୁତିକ ଯାନ ନୀତି ୧.୦୯.୨୦୨୧ରୁ ରାଜରେ ଲାଗୁ ହେଉଛି । ଏଥିରେ ବୈଦ୍ୟୁତିକ ଯାନ ଉପରେ ରିହାତି ହାରକୁ ବୃଦ୍ଧି କରିବାକୁ ନିଷ୍ପତି ନିଆଯାଇଛି । ଏହାଦ୍ୱାରା ଏହିତ ନୀତି ଅଧିକ ଉନ୍ନତ ହୋଇପାରିବ । ସ୍ଥିରିକୃତ ଲକ୍ଷ୍ୟ ହାସଲ ସହ ଜନସାଧାରଣଙ୍କୁ ବିଦ୍ୟୁତିକ ଯାନ କ୍ରୟ କରିବାକୁ ପ୍ରେରିତ କରିବ । ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ନିୟମାବଳୀ ୧୯୫୬ ସଂଶୋଧନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି । ଏହା ଦ୍ୱାରା ବୋର୍ଡର ଆକସ୍ମିକ ବ୍ୟୟ ସୀମା ୧୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଓବିସି କମିଶନ ସଂଶୋଧନ ନେଇ ଅଧାଦେଶ ଅଣାଯିବାକୁ କ୍ୟାବିନେଟ୍ ମଞ୍ଜରୀ ଦେଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଓଡିଶା ପାଇଁ ଅନ୍ୟାନ୍ୟ ପଛୁଆବର୍ଗ (ଓବିସି) ତାଲିକାଭୁକ୍ତ ଥିବା ୨୨ ଟି ଜାତିଗୁଡିକୁ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ (ଏସଇବିସି) ତାଲିକା ଅନ୍ତର୍ଭୁକ୍ତ କରିବାର କ୍ଷମତା ରାଜ୍ୟ ସରକାରଙ୍କ ରହିବ । ରାଜ୍ୟ ସରକାର ଲଘୁ ଖଣିଜ ପଦାର୍ଥର ପରିଚାଳନା ପ୍ରକ୍ରିୟାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗରୁ ଇସ୍ପାତ ଓ ଖଣି ବିଭାଗକୁ ହସ୍ତାନ୍ତର କରିଛନ୍ତି । ଏସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛନ୍ତି । କଟକ ରିଂ ରୋଡକୁ ( ଖାନ ନଗରଠାରୁ ଲିଙ୍କ୍ ରୋଡ ପର୍ଯ୍ୟନ୍ତ) ୬ ଲେନ ବିଶିଷ୍ଟ କରାଯିବ । ଏଥିପାଇଁ ୧୨୧ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି । ଏହି ପ୍ରକଳ୍ପ ୨୪ ମାସ ମଧ୍ୟରେ ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହାଦ୍ୱାରା କଟକ ସହରର ଟ୍ରାଫିକ ସମସ୍ୟା ଅନେକାଂଶରେ ଦୂର ହୋଇପାରିବ ।ଓଡିଶା ବନସେବା କ୍ୟାଡରର ପୁନଃଗଠନ କରାଯିବା ପ୍ରସ୍ତାବ ଉପରେ ମୋହର ଲାଗିଛି । ଏହାଦ୍ୱାରା ଅତିରିକ୍ତ ୭୬ଟି ପଦବୀ ସୃଷ୍ଟି ହେବ । ଏଥିସହ ବିଦ୍ୟୁତ ବଂଟନ କମ୍ପାନୀଙ୍କୁ ଆର୍ଥିକ ସହାୟତା ଦିଆଯିବା ନେଇ ପ୍ରସ୍ତାବ ମଧ ଅନୁମୋଦନ ହୋଇଛି । ରାଜ୍ୟ କ୍ୟାବିନେଟ୍ ୨୩୪୨ କୋଟି ଟଙ୍କାର ରାଜ୍ୟ ଅଂଶ ସମେତ ୬୨୮୪ କୋଟି ଟଙ୍କା ବ୍ୟୟ ବିନିମୟରେ ୩ ବର୍ଷରେ ରାଜ୍ୟରେ ଆରଡିଏସଏସ ଯୋଜନା କାର୍ଯ୍ୟକାରୀ କରିବାକୁ ଅନୁମୋଦନ ଦେଇଛି । ଓଡ଼ିଶାରେ ୨ଥର ବିଶ୍ୱକପ୍ ହକି ପୁରୁଷ ପ୍ରତିଯୋଗିତା ଆୟୋଜନ କରିଥିବା ଓଡ଼ିଶା ଖଣି ନିଗମ ୨୦୩୩ ମସିହା ପର୍ଯ୍ୟନ୍ତ ଭାରତୀୟ ଜାତୀୟ ହକି ଟିମ୍ ଗୁଡ଼ିକର ପ୍ରାୟୋଜକ ରହିବେ । ୨୦୧୮ ମସିହାରେ ଓଡ଼ିଶା ଉଭୟ ଜାତୀୟ ପୁରୁଷ ଓ ମହିଳା ହକି ଟିମର ପ୍ରାୟୋଜକ ରହିଛି । ୨୦୨୩ ମସିହାରେ ଏହି ପ୍ରାୟୋଜକ ଅବଧି ଶେଷ ହେଉଥିଲା । ଏହି ପ୍ରାୟୋଜକ ହେବା ନିମନ୍ତେ ଓଡ଼ିଶା ଖଣି ନିଗମ(ଓଏମସି) ପକ୍ଷରୁ ରାଜ୍ୟ ସରକାରଙ୍କ ଅନୁମତି ଲୋଡ଼ାଯାଇଥିଲା । ଯାହାକୁ ରାଜ୍ୟ କ୍ୟାବିନେଟ୍ ଆଜି ମଞ୍ଜୁରୀ ଦେଇଛନ୍ତି । ୨୦୨୩ ଫେବୃୟାରୀ ୧ରୁ ୨୦୩୩ ଜାନୁୟାରୀ ୩୧ ପର୍ଯ୍ୟନ୍ତ ଭାରତୀୟ ହକି ଟିମ(ଉଭୟ ପୁରୁଷ ଓ ମହିଳା)ର ପ୍ରାୟୋଜକ ଭାବେ ଓଏମସି ୪୩୪.୧୨କୋଟି ଟଙ୍କା(ଟିକସକୁ ବାଦ୍ ଦେଇ) ପ୍ରଦାନ କରିବ ।ସାଧାରଣ ଭବିଷ୍ୟନିଧି ପାଣ୍ଠି ନିୟମରେ ସଂଶୋଧନକୁ ରାଜ୍ୟ କ୍ୟାବିନେଟର ମଂଜୁରୀ ମିଳିଛି ।ଗ୍ରାହକଙ୍କ ପାଇଁ ପରିବାର ସଜ୍ଞାରେ ପରିବାର ସଦସ୍ୟଙ୍କୁ ଗ୍ରହଣ କରାଯିବ ।

## ଜୁନିୟର ଆକାଉଂଟାଂଟ ପରୀକ୍ଷା ବାତିଲ କଲା ଓଏସଏସସି

ଭୁବନେଶ୍ୱର, ୨୪।୪(ପି.ଏନ): ଗୃହ ଓ ନଗର ଉନ୍ନୟନ ବିଭାଗର ଜୁନିୟର ଆକାଉଂଟାଂଟ ପରୀକ୍ଷା ବାତିଲ୍ ହୋଇଛି । ଗତକାଲି ପ୍ରିଲିମିନାରୀ ପରୀକ୍ଷା ଅନୁଷ୍ଠିତ ହୋଇଥିବା ବେଳେ ସୋମବାର ଏହାକୁ ବାତିଲ କରାଯାଇଛି । ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସଏସସି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଓଡ଼ିଆ ପ୍ରଶ୍ନପତ୍ରରେ ମୁଦ୍ରଣ ତ୍ରୁଟି ଥିବାରୁ ଉଭୟ ଇଂରାଜୀ ଓ ଓଡିଆ ପରୀକ୍ଷା ବାତିଲ ହୋଇଛି । ଓଡିଆ ଭାଷା ପ୍ରଶ୍ନପତ୍ରରେ ବିକୃତ ଓଡିଆ ଲେଖାଯାଇଥିବାରୁ ବିବାଦ ହୋଇଥିଲା । ଖୁବଶୀଘ୍ର ସାନି ପରୀକ୍ଷା ନେଇ ତାରିଖ ଘୋଷଣା ହେବ ବୋଲି ଓଏସଏସସି କହିଛି ।

## ସୁଦାନରେ ଫଁସିଥିବା ଭାରତୀୟଙ୍କୁ ଆଣିବା ପାଇଁ ଅପରେସନ କାବେରି

ନୂଆଦିଲ୍ଲୀ, ୨୪।୪(ପି.ଏନ): ହିଂସା କ୍ଷତିଗ୍ରସ୍ତ ସୁଦାନରେ ଫସି ରହିଥିବା ଭାରତୀୟଙ୍କୁ ଉଦ୍ଧାର କରିବା ପାଇଁ ଆରମ୍ଭ ହୋଇଛି ଅପରେସନ କାବେରି । ଅପରେସନ କାବେରି ଦ୍ୱାରା ସୁଦାରେ ଫସି ରହିଥିବା ଭାରତୀୟଙ୍କୁ ସ୍ୱଦେଶ ଅଣାଯିବ ବୋଲି ଆଜି ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଟ୍ୱିଟ କରି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ଅପରେସନ କାବେରି ଆରମ୍ଭ ହୋଇଛି ଓ ପ୍ରାୟ ୫୦୦ ଭାରତୀୟ ସୁଦାନ ପୋର୍ଟରେ ପହଞ୍ଚି ସାରିଛନ୍ତି । ଆହୁରି ଅନେକ ପୋର୍ଟ ଅଭିମୁଖେ ଆସୁଛନ୍ତି । ଆମ ଶିପ ଓ ବିମାନ ସେମାନଙ୍କୁ ଖୁବଶୀଘ୍ର ସେଠାରୁ ଭାରତ ଆଣିବ ।



## ୪ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୨୪।୪(ପି.ଏନ): ଆଗାମୀ ୪ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହ କାଳବୈଶାଖୀ ଜନିତ ବର୍ଷା ଜାରି ରହିବ । ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କଟକ ,ଯାଜପୁର, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ରାୟଗଡା ଜିଲ୍ଲାରେ ବିଜୁଳି ଘଡଘଡି ସହ କାଳବୈଶାଖୀ ଜନିତ ବର୍ଷା ଏବଂ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସମୟ ମଧ୍ୟରେ ବାଲେଶ୍ୱର, କେନ୍ଦ୍ରାପଡା, ଭଦ୍ରକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ଗଜପତି, ମୟୁରଭଂଜ, କେନ୍ଦୁଝର, ଅନୁଗୁଳ, ମାଲକାନଗିରି , କୋରାପୁଟ ଜିଲ୍ଲାରେ ମଧ୍ୟ କାଳବୈଶାଖୀ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୨୫ ତାରିଖରେ ଖୋର୍ଦ୍ଧା, ପୁରୀ, ନୟାଗଡ, ଗଂଜାମ, ବିଜୁଳି ଘଡଘଡି ସହ କାଳବୈଶାଖୀ ଜନିତ ବର୍ଷା ଏବଂ ୪୦ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।

## ଭାରତ ଆସିବା ପୂର୍ବରୁ ବଡ ବୟାନ ଦେଲେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ



ନୂଆଦିଲ୍ଲୀ, ୨୪।୪ (ପି.ଏନ): ଗୋଆରେ ଆୟୋଜିତ ଏସ୍‌ସିଓ ବୈଠକରେ ଯୋଗଦେବା ପାଇଁ ଆସନ୍ତା ମାସରେ ଭାରତ ଆସିବାକୁ ଥିବା ପାକିସ୍ତାନ ବୈଦେଶିକ ମନ୍ତ୍ରୀ ବିଲାୱଲ ଭୁଟ୍‌ଟୋ ଜର୍‌ଦାରି ଆଜି ବଡ ବୟାନ ଦେଇଛନ୍ତି । ଏସ୍‌ସିଓ ଚାର୍ଟର ପ୍ରତି ପାକିସ୍ତାନ ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ଥିବାରୁ ଭାରତରେ ହେବାକୁ ଥିବା ବୈଠକରେ ଯୋଗଦାବାକୁ ସେ ଆସୁଛନ୍ତି । ଏହାକୁ କେହି ବି ଦ୍ୱିପାକ୍ଷିକ ସମ୍ପର୍କ ଭାବେ ବିବେଚନା ନ କରନ୍ତୁ ବୋଲି ବିଲାୱଲ କହିଛନ୍ତି ।ଦୁନିଆ ନ୍ୟୁଜରେ ପ୍ରସାରିତ କାର୍ଯ୍ୟକ୍ରମରେ ବିଲାୱଲ ତାଙ୍କ ଭାରତ ଗସ୍ତ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ସେ ଗୋଆରେ ଆସନ୍ତା ମାସରେ ହେବାକୁ ଥିବା ଏସସିଓ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକରେ ପାକିସ୍ତାନର ପ୍ରତିନିଧିତ୍ୱ କରିବେ ।ଆମେ ସବୁ ବେଳେ ଏସ୍‌ସିଓ ନିୟମକୁ ସମ୍ମାନ କରିଥାଉ । ଆମ ଭାରତ ଗସ୍ତ ଏହାର ପ୍ରତିଫଳନ । ଏହି ଗସ୍ତକୁ କେହି ବି ଗୋଟିଏ ଦ୍ୱିପାକ୍ଷିକ ସମ୍ପର୍କ ଭାବେ ବିବେଚନା କରନ୍ତୁ ନାହିଁ । କେବଳ ଏସ୍‌ସିଓ ବୈଠକ ଭାରତରେ ହେଉଛି ବୋଲି ସେଠାକୁ ଗସ୍ତ କରିବାକୁ ପଡୁଛି ବୋଲି ବିଲାୱଲ କହିଛନ୍ତି ।

## ମହିଳାଙ୍କୁ ବିଏଡ୍ ଫେକ୍ ସାର୍ଟିଫିକେଟ ଦେଇ ଶିକ୍ଷକଙ୍କ ସମେତ ତାଙ୍କ ଡାକ୍ତର ପୁଅ ଓ ଅନ୍ୟ ଜଣ ଗିରଫ

ଭୁବନେଶ୍ୱର, ୨୪।୪(ପି.ଏନ): ନକଲି ବିଇଡି ସାର୍ଟିଫିକେଟ ଦେବା ଅଭିଯୋଗରେ ବାପା-ପୁଅ ସହ ୪ ଜଣଙ୍କୁ ଗିରଫ କଲା ଗଞ୍ଜାମ ଜିଲ୍ଲା ଗୋଷାଣିନୂଆଗାଁ ଥାନା ପୁଲିସ । ଅଭିଯୁକ୍ତ ବାପା ଜଣକ ଖଲ୍ଲିକୋଟ ଲଙ୍ଗଳେଶ୍ୱର ସ୍କୁଲରେ ଚାକିରି କରୁଥିବା ଶିକ୍ଷକ ଦଇତାରୀ ବେହେରା । ସେ ନିକଟରେ ଚାକିରିରୁ ନିଲମ୍ବିତ ହୋଇଥିଲେ । ସେ ହିଁ ଏହି ଫେକ୍ ସାର୍ଟିଫିକେଟ ରାକେଟ୍‌ର ମାଷ୍ଟରମାଇଣ୍ଡ ବୋଲି ଜଣାପଡିଛି । ତାଙ୍କ ପୁଅ ତଥା ଅନ୍ୟତମ ଅଭିଯୁକ୍ତ ଅମୃତ ପ୍ରସାଦ ବେହେରା ୟୁକ୍ରେନ୍‌ରେ ଏମ୍‌ବିବିଏସ୍ କରିଥିବା ଜଣାପଡିଛି । ଅନ୍ୟ ଦୁଇ ଅଭିଯୁକ୍ତ କଟକର କିଶୋର କୁମାର ବେହେରା ଓ ଢେଙ୍କାନାଳର ପ୍ରଶାନ୍ତ କୁମାର ସାହୁ ।ସେମାନଙ୍କ ଠାରୁ ବହୁ ପରିମାଣର ନକଲି ସାର୍ଟିଫିକେଟ, ବ୍ଲାଙ୍କ ସାର୍ଟିଫିକେଟ, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅଧିକାରୀ ବ୍ୟବହାର କରୁଥିବା ନକଲି ଲୋଗୋ, ପ୍ରିଣ୍ଟର ମେସିନ ଜବତ ହୋଇଛି । ସେମାନେ ଛତିଶଗଡ, ଆନ୍ଧ୍ର ଓ ଓଡିଶାରେ ରାକେଟ୍ ଚଳାଉଥିଲେ ।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୪ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା । ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ ।

-ପ୍ରକାଶକ

## କ୍ଷମତାକୁ ଆସିଲେ ଜିଏସ୍‌ଟି ଢାଞ୍ଚା ବଦଳାଇବ କଂଗ୍ରେସ



ନୂଆଦିଲ୍ଲୀ, ୨୪।୪(ପି.ଏନ): କର୍ଣ୍ଣାଟକା ବିଧାନସଭା ନିର୍ବାଚନ ପାଇଁ ଜୋରଦାର ପ୍ରଚାର କରୁଥିବା କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । କେନ୍ଦ୍ର ସରକାର ଚାଷୀଙ୍କ କଷ୍ଟ ପ୍ରତି ଆଖି ବୁଜି ଦେଇଛନ୍ତି । ଏବେ କେବଳ ଜଣେ/ଦୁଇ ଜଣ ଶିଳ୍ପପତିଙ୍କ ଉପରେ ଫୋକସ କରାଯାଉଛି । କିନ୍ତୁ ଏହାକୁ ବଦଳାଇ ଚାଷୀଙ୍କ ଫାଇଦା ପାଇଁ କାମ କରିବାକୁ ପଡିବ ବୋଲି ରାହୁଲ ଗାନ୍ଧି କହିଛନ୍ତି । ସେ କହିଛନ୍ତି, "ଏବେ ଆଦାନି ଓ ଅମ୍ବାନିଙ୍କ ଉପରେ ହଜାର ହଜାର କୋଟି ଟଙ୍କାର ଋଣ ରହିଛି । ସେମାନେ ବ୍ୟାଙ୍କ ଯିବା ମାତ୍ରେ ସେମାନଙ୍କୁ ସହଜରେ ଋଣ ମିଳି ଯାଉଛି । ସେମାନଙ୍କ ଋଣ ଟଙ୍କାକୁ ମଧ ଛାଡି କରାଯାଉଛି । କିନ୍ତୁ ଗରିବ ଚାଷୀଙ୍କ କଥା କେହି ବୁଝୁ ନାହାନ୍ତି । ତେଣୁ ମୁଁ କହିବାକୁ ଚାହୁଁଛି ଯେ ଉଭୟ କ୍ଷେତ୍ରରେ ସମାନ ନିୟମ ଲାଗୁ ହେବା ଦରକାର । ଯଦି ଆପଣ ବଡବଡ ଶିଳ୍ପପତିଙ୍କ ଋଣ ଛାଡ କରୁଛନ୍ତି, ତା'ହେଲେ ଚାଷୀଙ୍କ ଋଣ ମଧ ମାଫ କରନ୍ତୁ ।"ବେଳାଲଗାଭିର ରାମଦୁର୍ଗ ଅଞ୍ଚଳରେ ଆଖୁ ଚାଷୀଙ୍କୁ ସମ୍ବୋଧନ କରି ରାହୁଲ ଗାନ୍ଧି କହିଛନ୍ତି ଯେ ଯଦି କଂଗ୍ରେସ ରାଜ୍ୟରେ କ୍ଷମତାକୁ ଆସିବ, ତା'ହେଲେ ଚାଷୀଙ୍କୁ ଫାଇଦା ଦେବା ଭଳି ପଦକ୍ଷେପ ନେବ । ସେ କହିଛନ୍ତି, "ଏହା ସତ ଯେ ଆପଣମାନେ ଉପଯୁକ୍ତ ଟଙ୍କା ପାଉ ନାହାନ୍ତି । ମୁଦ୍ରାସ୍ଫୀତି ବଢ଼ିବାରେ ଲାଗିଛି ।

## ୩୫ ଲକ୍ଷରୁ ଅଧିକ ଚାଷୀ ପାଇଲେ ୪୪୧.୭୬ କୋଟି ଟଙ୍କା ସୁଧ ରିହାତି

ଭୁବନେଶ୍ୱର, ୨୪।୪(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ସୋମବାର ଲୋକସେବା ଭବନର କନଭେନସନ୍ ସେଂଟରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୨୦୨୨-୨୩ ବର୍ଷ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟର ୩୫ ଲକ୍ଷ ଚଷୀଙ୍କୁ ୪୪୧.୭୬ କୋଟି ଟଙ୍କାର ସୁଧ ରିହାତି ପ୍ରଦାନ କରିଛନ୍ତି । ରାଜ୍ୟର ସମସ୍ତ ସମବାୟ ବ୍ୟାଙ୍କ ଓ ୨୪୦୯ଟି ପ୍ରାଥମିକ କୃଷି ସମବାୟ ସମିତିକୁ ଏହି ରିହାତି ପରିମାଣ ପ୍ରଦାନ କରାଗଲା । ପ୍ରଥମ ପର୍ଯ୍ୟାୟରେ ୪୧୫.୧୭ କୋଟି ଟଙ୍କାର ସୁଧ ରିହାତି ଦିଆଯାଇଥିଲା । ଏହି ପରି ୨୦୨୨-୨୩ ବର୍ଷରେ ଚାଷୀମାନେ ସମୁଦାୟ ୮୫୬.୯୯ କୋଟି ଟଙ୍କା ସୁଧ ରିହାତି ପାଇଲେ । ସୁଚନାଯୋଗ୍ୟ ଯେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ପାଇଁ ଚାଷୀମାନଙ୍କୁ କୌଣସି ସୁଧ ଦେବାକୁ ପଡୁ ନାହିଁ । ୩୫ ଲକ୍ଷ ଚାଷୀଙ୍କ ମଧ୍ୟରୁ ୩୦ ଲକ୍ଷ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର ଚାଷୀ ।ଏହି ଅବସରରେ ଉପସ୍ଥିତ ଚାଷୀ ଏବଂ ଭିସି ଜରିଆରେ ଯୋଡି ହୋଇଥିବା ଚାଷୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଚାଷ ଆମ ଅର୍ଥନୀତିର ଆତ୍ମା । ବିକାଶର ଆଧାର । ଆମର ନୂଆ ଓଡିଶା, ସଶକ୍ତ ଓଡିଶାର ସାରଥି ହେଉଛନ୍ତି ଆମର ଚାଷୀମାନେ, ମା ମାନେ ଓ ଯୁବକଯୁବତୀ ମାନେ । ତେଣୁ ଆପଣମାନଙ୍କ ସଶକ୍ତିକରଣ ଉପରେ ମୁଁ ସବୁବେଳେ ଜୋର ଦେଇ ଆସିଛି ବୋଲି ସେ କହିଥିଲେ ।ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଚାଷୀକୁ ସଶକ୍ତ କରିବାପାଇଁ ସ୍ୱତନ୍ତ୍ର ବଜେଟ୍ କରାଯାଇଛି । ବିନା ସୁଧ ରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଦିଆଯାଉଛି । ଚାଷୀ ପରିବାରର କଲ୍ୟାଣ ପାଇଁ କାଳିଆ ଶିକ୍ଷା ବୃତି ଦିଆଯାଉଛି । ଗଞ୍ଜାମର ଚାଷୀ ପରିବାରର ଜଣେ ପିଲା କିରଣ ସାହୁ କାଳିଆ ଶିକ୍ଷା ବୃତି ପାଇ ବ୍ରହ୍ମପୁର ମଡିକାଲ କଲେଜରେ ପଢିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଥି ପାଇଁ ଖୁସି ବ୍ୟକ୍ତ କରିଥିଲେ ।ଚାଷୀକୁ ବିନା ସୁଧରେ ଋଣ ଦେବାରେ ଓଡିଶା ପ୍ରଥମ ରାଜ୍ୟ ଓ କାଳିଆ ପରି କଲ୍ୟାଣ ଯୋଜନା କରିବାରେ ମଧ ଓଡିଶା ପ୍ରଥମ ରାଜ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଆଜିର ସୁଧ ରିହାତି ଯୋଗୁ ଚାଷୀ ଭାଇମାନଙ୍କୁ ଟଙ୍କାଟିଏ ବି ସୁଧ ଦେବାକୁ ପଡିଲା ନାହିଁ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଏଥିପାଇଁ ଖୁସି ବ୍ୟକ୍ତ କରିଥିଲେ ।ଆମର ସମବାୟ ଆନ୍ଦୋଳନ ଆଜି ଶକ୍ତିଶାଳୀ ହୋଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଫସଲ ଋଣର ୬୦ ପ୍ରତିଶତ କେବଳ ସମବାୟ କ୍ଷେତ୍ର ହିଁ ଯୋଗାଉଛି । ଆମର ଚାଷୀ ଭାଇ ଆମର ଗର୍ବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସେମାନଙ୍କ ପରିଶ୍ରମ ଓ ନିଷ୍ଠା ଯୋଗୁ କୃଷି କ୍ଷେତ୍ରରେ ଓଡିଶା ଦେଶର ଏକ ଆଗୁଆ ରାଜ୍ୟ ହୋଇପାରିଛି । ଚାଷୀଙ୍କ କଲ୍ୟାଣ ପାଇଁ ମୁଁ କାମ କରୁଛି ଓ କରି ଚାଲିବି । କାର୍ଯ୍ୟକ୍ରମରେ ଯୋଗଦେଇ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ କହିଲେ ଯେ ରାଜ୍ୟର କୃଷକମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ପ୍ରତିବଦ୍ଧତାର ସହ କାମ କରୁଛନ୍ତି । ବାରମ୍ବାର କୃଷି କର୍ମଣ ପୁରସ୍କାର ପାଇଁ ମନୋନିତ ହେବା ହେଉଛି ଆମ ପ୍ରତିବଦ୍ଧତାର ପ୍ରମାଣ । ସମବାୟ ବିଭାଗ, କୃଷି ବିଭାଗ ଓ ଖାଦ୍ୟ ଯୋଗାଣ ବିଭାଗର ମିଳିତ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟ ଆଜି ଏକ ଅଭାବୀ ରାଜ୍ୟରୁ ଏକ ବଳକା ରାଜ୍ୟରେ ପରିଣତ ହୋଇଛି ବୋଲି ସେ କହିଥିଲେ ।ସମବାୟ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମବାୟ ନିବନ୍ଧକ ଉଦ୍ଧବ ଚରଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଉରକେଲା ମହାନଗର ନିଗମରେ ନକଲି ସାର୍ଟିଫିକେଟରେ ଚାକିରୀଆଙ୍କ ସଂଖ୍ୟା ଅନେକ

ରାଉରକେଲା, ୨୪।୪(ପି.ଏନ): ରାଜ୍ୟରେ ନକଲି ସାର୍ଟିଫିକେଟ ମାମଲା ପଦାକୁ ଆସିବା ପରେ ସରକାର ତତ୍ପର ହୋଇ ଏହାର ଯାଂଚ ଚଳାଇଥିବା ବେଳେ ରାଉରକେଲା ମହାନଗର ନିଗମରେ ଚାକିରୀ କରିଥିବା କିଛି ପୁରାତନ କର୍ମଚାରୀ ଏହିଭଳି ନକଲି ସାର୍ଟିଫିକେଟ ବଳରେ ଚାକିରୀ କରିଥିବା କଥା ଏବେ ଅଫିସରୁ ବାହାର ଯାଏ କଥା ଉଠୁଛି ପଡୁଛି । ଏହାର କାର୍ପେଟଦାର ଜଣେ ପିଅନ ବୋଲି ଏବେ କଥା ଜୋର ଧରିଛି ।ଅନୁସନ୍ଧାନରୁ ଜଣାପଡିଛି ଯେ, ପୌରପାଳିକା ଥିବା ବେଳେ ଏଠାରେ କାମ ପାଇଥିବା କିଛି ପୁରାତନ କର୍ମଚାରୀ ଯେଉଁ ସାର୍ଟିଫିକେଟ ଦେଇଥିଲେ ତାହାର ଖୋଜ ଖବର ମିଳିନଥିବା ବେଳେ, ପରେ ଯେଉଁ ସବୁ ସାର୍ଟିଫିକେଟ ପ୍ରଦାନ କରିଛନ୍ତି ସେ ସବୁ ନକଲି । ସେଥିରେ ବୟସ ସିମାକୁ ବଦଳାଇ ଅଧିକ ଦିନ ଚାକିରୀ କରିବା ଲାଗି ବୟସକୁ କମାଇ ଦିଆଯାଇଛି ବୋଲି ଖବର ମିଳିଛି । ଏଭଳି ୭ ଜଣ କର୍ମଚାରୀ ଅବସର ନେଇ ପୁଣି ମହାନଗରରେ କାମ କରୁଥିବା ବେଳେ, ଏଷ୍ଟାବ୍ଲିସ ସେକ୍ସନରେ ଏହିଭଳି ୫ ଜଣ କର୍ମଚାରୀ ରହିଛନ୍ତି । ଏପରିକି ଜଣେ ବାବୁଙ୍କର ସାର୍ଟିଫିକେଟରେ ଥିବା ଜନ୍ମ ତାରିଖ ଅନୁଶାରେ ତାଙ୍କର ଯେତେବେଳେ ବୟସ ୧୧ ବର୍ଷ ହୋଇଛି ସେତେବେଳେ ସେ ମାଟ୍ରିକ ପାଶ କରି ଏଠାରେ ଚାକିରୀ ପାଇଥିବା କଥା ବେଶ ଚର୍ଚ୍ଚାର ବିଷୟ ହୋଇଛି । ଏହି ୫ ଜଣଙ୍କୁ ନେଇ ଏବେ ନାନା ଆଲୋଚନା ଚାଲିଥିବା ବେଳେ ଏଠାରେ କାମ କରୁଥିବା ପିଅନ କୁଆଡେ ଏହି ନକଲି ଜାଲ ସାର୍ଟିଫିକେଟର ପୁରା କାର୍ପେଟଦାର ବୋଲି ଖବର ମିଳିଛି । ମହାନଗର ନିଗମ ଠାରୁ ବିଭନ୍ନ ଅଫିସରେ କାମ କରୁଥିବା ତଳିଆ କର୍ମଚାରୀ ମାନଙ୍କୁ ଏହି ବାବୁ କୁଆଡେ ନକଲି ସାର୍ଟିଫିକେଟ ଯୋଗାଇ ସକାରଙ୍କୁ ଭୁଆଁ ବୁଲାଇ ସରକାରୀ ଚାକିରୀ କରିବାରେ ବହୁ ଲୋକଙ୍କୁ ସହାୟତା ଯୋଗାଇଥିବା କୁହାଯାଉଛି । ଅବସର ନେଇଥିବା ନକଲି ସାର୍ଟିଫିକେଟଧାରୀ ପୁଣି ନିଜ ଗୁରୁ ମାନଙ୍କୁ ଧରି ସ୍ୱଚ୍ଛ ଦରମାରେ ଦୁହାଳିଆ ବିଭାଗରେ କାମ କରୁଥିବାର ଖବର ମିଳିଛି । ରାଉରକେଲା ମୁନିସିପାଲିଟିରୁ ମହାନଗର ହେଲା ଏନେଇ କେବେ ଯାଂଚ କରାଯାଇନଥିଲା । ରାଜ୍ୟରେ ନକଲି ସାର୍ଟିଫିକେଟ ରାକେଟ ପଦାକୁ ଆସିବା ପରେ ମହାନଗର ଅଂଚଳରେ କାମ କରୁଥିବା ଶିକ୍ଷକ ମାନଙ୍କର ସାର୍ଟିଫିକେଟ ଯାଂଚ କରାଯିବା ସହ ଅଣ୍ଡର ଟେକିଂ ମଧ ଆବଶ୍ୟକ ସ୍ଥଳେ ଶିକ୍ଷା ବିଭାଗ ଦ୍ୱାରା ଲେଖି ନିଆଯାଉଛି, ହେଲେ ମହାନଗର ନିଗମରେ ହୋଇଥିବା ଏଭଳି କାରବାରକୁ ନେଇ ଏଯାଏ ସମସ୍ତେ ଚୁପ । ଏଠାରେ ଜଣେ ଆଇଏଏସ ଅଧିକାରୀ କମିଶନର ରହିଛନ୍ତି, ଏଭଳି ଅଭିଯୋଗ ଆସିବା ପରେ ତୁରନ୍ତ ଏ ଦିଗରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ହେବା କଥା ବୋଲି କୁହାଯାଉଛି, କିନ୍ତୁ ଏଯାଏ ଏହି ମାମଲା ଉପରେ ସମସ୍ତେ ନିରବ ବୋଲି ଆଲୋଚନା ଚାଲିଛି ।ଏନେଇ ରାଉରକେଲା ମହାନଗର ନିଗମ କମିଶନରଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯିବାରୁ କୌଣସି ଉତର ମିଳିନାହିଁ । ରାଜ୍ୟ ସରକାରଙ୍କ ବିଭାଗୀୟ ମୁଖ୍ୟ ଏ ଦିଗରେ ଦୃଷ୍ଟି ଦେଇ ମହାନଗର ନିଗମରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କର ହାଇସ୍କୁଲ ଠାରୁ ଉଚଶିକ୍ଷାର ସମସ୍ତ ସାର୍ଟିଫିକେଟ ଯାଂଚ କରିବା ଲାଗି ସାଧାରଣରେ ଦାବି ହେଉଛି ।

## ମୁଖ୍ୟମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ଜିଲ୍ଲାରେ ଦାଦନ ଦୁଃଖ, କାମ କରିବାକୁ ଯାଇ ଦଲାଲ ପାଖରେ ପଡିଛନ୍ତି ବନ୍ଧା !



ଭୁବନେଶ୍ୱର, ୨୪।୪(ପି.ଏନ): ପୁରସ୍କାର ପରେ ପୁରସ୍କାର ହାତଉଛି ଗଞ୍ଜାମ ଜିଲ୍ଲା ! ହେଲେ ଯାଇନି ଦାଦନ ଦୁଃଖ । ହଟୁନି ଦାଦନ ଯନ୍ତ୍ରଣା । ଭୋକ ବିକଳରେ ଚେନ୍ନାଇ ଯାଇ ୭ ମାସ ହେଲା ବନ୍ଧା ପଡିଛି ୩ ଜୀବନ । ମୁଖ୍ୟମନ୍ତ୍ରୀ ଓ ଶ୍ରମମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମରୁ ଆସିଛି ଏପରି ଦାରୁଣ ଚିତ୍ର । ଦଲାଲ ପାଖରୁ ମୁକୁଳାଇବା ପାଇଁ ପରିବାର ଲୋକେ ଯେତେ ଗୁହାରୀ କଲେ ମଧ ଜିଲ୍ଲା ପ୍ରଶାସନ କାନରେ ପଡୁନଥିବା ଅଭିଯୋଗ ହେଉଛି ।ଗାଁରେ କାମଦାମ ମିଳିଲା ନାହିଁ । ତେଣୁ ବେଗୁନିଆପଡା ବ୍ଲକ୍ ? କୋଦଳା ଥାନା ଭଦୁଆ ଗାଁର ଅଚ୍ୟୁତ ଦାସ, କବି ଦାସ, କୈଳାଶ ଦାସ, ସୁର ଦାସ ଓ ପ୍ରଭାକର ଦାସ ଦଲାଲଙ୍କ ଜରିଆରେ ଚେନ୍ନାଇ ଯାଇଥିଲେ । ସେମାନେ ସୋଲାପୁର ଅଞ୍ଚଳରେ ସମୁଦ୍ରରେ ମାଛ ଜାଲ ଧରିବା କାମ କରୁଥିଲେ । ୭ ମାସରୁ ଅଧିକ ସମୟ ଧରି କାମ କରୁଥିଲେ ମଧ ମିଳିଲାନି ମଜୁରୀ । ଦରମା ମାଗିରେ ନାନା ନିର୍ଯାତନା ଦିଆଯାଉଥିଲା । ମାଡ଼ ମାରିବା ସହ ମାଛ ଜାଲରେ ବାନ୍ଧି ସମୁଦ୍ରକୁ ଫୋପାଡି ଦେବାକୁ ଧମକ ଦିଆଯାଉଥିଲା ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ଅପ୍ରେଲ ୨୫**

# ମ୍ୟାଲେରିଆର ମୂଳୋତ୍ପାଟନ



ଡାକ୍ତର କାନ୍ତୀ ନାୟକ

ଆଜି ହେଉଛି ବିଶ୍ୱ ମ୍ୟାଲେରିଆ ଦିବସ। ପ୍ରତିବର୍ଷ ଏପ୍ରିଲ ୨୫ ତାରିଖରେ ଆନ୍ତର୍ଜାତୀୟ ସ୍ତରରେ ମ୍ୟାଲେରିଆ ନିରାକରଣ ଓ ସଚେତନତା ସୃଷ୍ଟି କରିବାକୁ ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେସନ ଦ୍ୱାରା ଏହା ପାଳିତ ହୁଏ। ଏହା ସହ ଏକ ଗ୍ଲୋବାଲ ଟେକିନିକାଲ ଷ୍ଟ୍ରାଟେଜୀ ଫର ମ୍ୟାଲେରିଆ ୨୦୧୬-୨୦୩୦କୁ ୨୦୧୫ରୁ ଲାଗୁ କରାଯାଇଛି। ରିପୋର୍ଟ ଅନୁଯାୟୀ ବିଶ୍ୱ ସ୍ତରରେ ୧୦୬ଟି ଦେଶର ୩.୩ କୋଟି ଲୋକଙ୍କୁ ମ୍ୟାଲେରିଆର ଆକ୍ରାନ୍ତ ହେବାର ଭୟ ଥାଏ। ୨୦୨୨ ମ୍ୟାଲେରିଆରେ ୮୯୧,୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ତେବେ ଏସିଆ, ଲାଟିନ୍ ଆମେରିକା ଏବଂ ୟୁରୋପର କିଛି ଅଞ୍ଚଳରେ ଏବେ ବି ମ୍ୟାଲେରିଆରେ ବହୁ ଲୋକ ପ୍ରାଣ ହରାଇଥାନ୍ତି। ଆଫ୍ରିକାନ୍ ଦେଶ ଗୁଡ଼ିକରେ ଏହାର ମାତ୍ରା ସବୁଠାରୁ ଅଧିକ। ମ୍ୟାଲେରିଆକୁ ବୁଝିବା ଓ ତାର କାରଣ ତଥା ଏହାର ସଚେତନତା ପାଇଁ ବିଭିନ୍ନ ଉପାୟ ଅବଲମ୍ବନ କରି ମ୍ୟାଲେରିଆକୁ ଚିମୂଳ ଲୋପ କରିବା ହିଁ ଏହି ଦିବସର ଲକ୍ଷ୍ୟ। ତେବେ କେଉଁ ଦେଶ ବା ଅଞ୍ଚଳ ଏ ପର୍ଯ୍ୟନ୍ତ ମ୍ୟାଲେରିଆ ମୁକ୍ତ ହୋଇଛି ବୋଲି ସନ୍ଧାନ ଚାଲିଥିବା ବେଳେ ଭାରତରେ ପ୍ରାୟ ସମସ୍ତ ଅଞ୍ଚଳରେ ମ୍ୟାଲେରିଆର ପ୍ରଭାବ ରହିଛି ବୋଲି ସୂଚନା ମିଳିଛି। ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ଆମ ଦେଶରେ ଓଡ଼ିଶା, ପଶ୍ଚିମବଙ୍ଗ, ଝାରଖଣ୍ଡ, ରାଜସ୍ଥାନ, ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ ଦକ୍ଷିଣ ପୂର୍ବ ରାଜ୍ୟ ଗୁଡ଼ିକରେ ମ୍ୟାଲେରିଆର ଆତଙ୍କ ଦେଖାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମ୍ୟାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମ୍ୟାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମ୍ୟାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମ୍ୟାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳି ନାହିଁ । ମ୍ୟାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ମ୍ୟାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମ୍ୟାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି ।

*ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ*

# ସାଇଦର୍ଶନ ଓ ସାଇକୃପା

**ଇଂ. ସଚ୍ଚିଦାନନ୍ଦ ନନ୍ଦ**

ଭଗବାନ ଶ୍ରୀସତ୍ୟସାଇ ବାବା ମହାସମାଧି ଗ୍ରହଣ କରିଛନ୍ତି। ସେ ତାଙ୍କ ସ୍ଥୂଳ ଶରୀର ତ୍ୟାଗ କରିଛନ୍ତି ସତ କିନ୍ତୁ ଆଶ୍ରିତ ମାନଙ୍କୁ ତ୍ୟାଗ କରିନାହାନ୍ତି । ଏବେ ମଧ୍ୟ ସୂକ୍ଷ୍ମରେ ସମସ୍ତ ଦୈବୀକର୍ତ୍ତବ୍ୟ ମାନ ପୂର୍ବବତ୍ ସମ୍ପାଦନ କରିଚାଲିଛନ୍ତି । ଏଥିରୁ ସୂଚିତ ହେଉଛି ଯେ ଅବତାରଙ୍କ ଉପସ୍ଥିତି ଓ ଅନୁପସ୍ଥିତି ଭକ୍ତ ବା ଆଶ୍ରିତମାନଙ୍କ ପକ୍ଷରେ ସମାନ କଥା । ସେମାନଙ୍କ ବଳ ତାଙ୍କ ପ୍ରାର୍ଥନା ଓ ଅନ୍ତରର ପବିତ୍ରତା ଯାହାକୁ ନିର୍ଭର କରି ସେମାନେ ନିଶ୍ଚିନ୍ତରେ ରହିପାରନ୍ତି ଓ ଭଗବତ୍ କୃପା ଲାଭ କରିପାରନ୍ତି । ସେ ସ୍ଥୂଳ ଶରୀରରେ ଥିଲାବେଳେ କହୁଥିଲେ ‘‘ମୋ କଥା ମାନିବା ହିଁ ମୋ କୃପା ପାଇବାର ଉପାୟ’’ । ମହାସମାଧି ଗ୍ରହଣ କରିବା ପରେ ମଧ୍ୟ ତାଙ୍କ ପୂର୍ବ ପ୍ରଦତ୍ତ ବାକ୍ୟ ରକ୍ଷା କରିବାରେ ସେ ପୂର୍ଣ୍ଣ ମାତ୍ରାରେ ସମର୍ଥ । ଦିବ୍ୟସମ୍ଭାଷଣ ଓ ସେ ନିଜର ଦୈବୀଶକ୍ତି, ଦିବ୍ୟପ୍ରେମ, ଦିବ୍ୟ ଆନନ୍ଦକୁ ବ୍ୟବହାର କରି କୋଟି କୋଟି ବ୍ୟକ୍ତିଙ୍କ ଅନ୍ତରରେ ଆନନ୍ଦ ଖେଳାଇ ପାରିଛନ୍ତି । ସେବାକାର୍ଯ୍ୟରେ ନିୟୋଜିତ କରି ସହସ୍ର ସହସ୍ର ବ୍ୟକ୍ତିଙ୍କୁ ସ୍ୱାଭାବିକ ଆନନ୍ଦ ଉପଲବ୍ଧି କରାଇପାରିଛନ୍ତି । ଭଜନ ଓ ନାମ ସ୍ମରଣ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ନରନାରୀଙ୍କ ଠାରେ ଆନନ୍ଦ ପ୍ଲାବନ କରିପାରିଛନ୍ତି । ଦିବ୍ୟ ସମ୍ଭାଷଣ ମାଧ୍ୟମରେ ପ୍ରଦାନ କରୁଥିବା ଭାବାତୀତ ଶିକ୍ଷାକୁ ଜୀବନରେ ଯେଉଁମାନେ ବ୍ୟବହାର କରିଛନ୍ତି ସେ ସମସ୍ତେ ଅପାର ଆନନ୍ଦ ଲାଭ କରିଛନ୍ତି । ସର୍ବୋପରି ଏଭଳି ଐଶ୍ୱରିକ ଶକ୍ତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ ପୂର୍ବକ ନିଜର ଭାଗ୍ୟକୁ ପ୍ରଶଂସା କରି ସମଗ୍ର ମାନବଜାତି ନିଜକୁ ଧନ୍ୟ ମନେକରୁଛି । ସମୟର ପ୍ରଭାବ, ଯୁଗ ଧର୍ମ, ଅଜ୍ଞାନ ଓ ଅହଂକାରର ବଶବର୍ତ୍ତୀ ହୋଇ ଆଜି ମଣିଷ ଅମଣିଷ ପାଲଟି ଯାଉଛି । ଦୈନିକ ସମ୍ବାଦପତ୍ର ତାହାର ପ୍ରମାଣ । ମଣିଷ ଜାଣିପାରୁନାହିଁ କ’ଣ କରଣୀୟ, କ’ଣ ଅକରଣୀୟ, ବିବେଚନାଶକ୍ତି ହରାଇ ମଣିଷ ତାହାଠାରୁ ନିମ୍ନ ପ୍ରବୃତ୍ତି ସମ୍ପନ୍ନ କର୍ମମାନ କରିବସୁଛି । ବିବେକ କ’ଣ, କେଉଁଠି ଥାଏ, ସେ କଣ କରେ, ତାହା ଜାଣିଥିବା ଲୋକେ ଆଜି ବିରଳ । ଜୀବନଯାପନ କରିବାର ସଠିକ ମାର୍ଗ ଆଜି ବିସ୍ମୃତ ଏବଂ ତାହାର ପରିଣାମ କି କଷ୍ଟଦାୟକ ! ଅଧିକାଂଶ ଏକ ଉତ୍ତପ୍ତ, ଅନୁତପ୍ତ ଓ ଚାପଗ୍ରସ୍ତ ଜୀବନର ଅସହ୍ୟ ଦୁଃଖରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି । ବାବା କିନ୍ତୁ ଏଥିରୁ ଉଦ୍ଧାର ପାଇବା ପାଇଁ ପ୍ରାୟଶ୍ଚିତ କରିବାକୁ କହନ୍ତି ନାହିଁ । ତାଙ୍କର ପ୍ରଚଣ୍ଡ କ୍ଷମାଶକ୍ତି ବ୍ୟବହାର କରି କହନ୍ତି ‘ତୁମେ କିଛିଟା ଭୁଲ କରିଦେଇଛ ମୁଁ, ସେସବୁକୁ କ୍ଷମା କରିଦେଉଛି, ଅତୀତକୁ ଭୁଲିଯାଅ, ନୂଆ କରି ଏକ ଜୀବନ ଆରମ୍ଭ କର ।’ ସେ ସ୍ନେହରେ ଆମ ହାତକୁ ଧରି ସତ୍ ପଥକୁ ଘେନି ଆସନ୍ତି, ଅନ୍ତରରେ ସଂସ୍କାର ଭରି ଦିଅନ୍ତି, ମନରେ ଦୃଢ଼ତା ବୃଦ୍ଧି କରି ନୂତନ ଜୀବନ ପଥରେ ଆମକୁ କେବଳ ଛାଡ଼ି ଦିଅନ୍ତି ନାହିଁ, ଆମ ସହିତ ନିଜେ ମଧ୍ୟ ଚାଲନ୍ତି । ନୈତିକ ଜୀବନର ସ୍ୱାଦ ଚଖାଇ ଅନୈତିକ ମାର୍ଗର ତିକ୍ତତା ଅନୁଭବ କରାଇ ଦିଅନ୍ତି । ଶୃଙ୍ଖଳିତ ଜୀବନର ନିରାପତ୍ତା ଭୋଗ କରାଇ ବିଶୃଙ୍ଖଳିତ ଜୀବନ ପାଇଁ ଅରୁଚି ସୃଷ୍ଟିକରି ଦିଅନ୍ତି । ତାଙ୍କ ଦିବ୍ୟଜୀବନର ନିଦର୍ଶନ ମାଧ୍ୟମରେ ମଣିଷ ଠାରେ ଦିବ୍ୟ ଜ୍ଞାନ ଉଦ୍ରେକ କରାଇ ଦିଅନ୍ତି ଯାହାଫଳରେ ଲୋକେ ପ୍ରେୟ ମାର୍ଗ ଛାଡ଼ି ଶ୍ରେୟ ମାର୍ଗ ଅବଲମ୍ବନ କରିଥାନ୍ତି ଏବଂ ସ୍ୱଅର୍ଜିତ ଆନନ୍ଦ ଉପଭୋଗ କରିପାରନ୍ତି । ଅଭାବି ଲୋକଙ୍କର ଅଭାବ ପୂରଣ କରିବା ଭଗବାନଙ୍କ ପାଇଁ ଖୁବ୍ ସହଜ, ସେମାନଙ୍କର ନିତାନ୍ତ ଆବଶ୍ୟକ ହୁଏ, ଖାଦ୍ୟ, ବସ୍ତ୍ର ଓ ବାସଗୃହ । ଏଗୁଡ଼ିକ ଯିଏ ପୂରଣ କରେ ସେମାନେ ପୁଣ୍ୟ ଅର୍ଜନ କରନ୍ତି । ଅନ୍ୟପକ୍ଷରେ ଅଭାବିର ଅଭାବ ଦୂର ହୁଏ । ଅଭାବ ମୁଖ୍ୟତଃ ଦୁଇପ୍ରକାରର ଥାଏ । ପ୍ରଥମଟି ପ୍ରକୃତ ଅଭାବ ଓ ଦ୍ୱିତୀୟଟି ଲୋଭ ଜନିତ ଅଭାବ, ଯାହା କେବେହେଲେ ପୂରଣ ହୋଇପାରିବ ନାହିଁ । ସଂସାରରେ ଏଭଳି ଲୋକ ଅଛନ୍ତି ଯେଉଁମାନେ ଦରିଦ୍ର ମାନଙ୍କ ଆବଶ୍ୟକତା ପୂରଣ କରିପାରିବେ କିନ୍ତୁ ଲୋଭଜନିତ ଅଭାବର ପରିସମାପ୍ତି ନ ଥାଏ । ସଂଗଠନ ମାଧ୍ୟମରେ ତାଙ୍କ ଆଶ୍ରିତମାନଙ୍କୁ ଶିକ୍ଷା ଦେଇ ବାବା ଲୋଭ କମାଇବା ଓ ତ୍ୟାଗଭାବ ବଢ଼ାଇବାର ଶିକ୍ଷା ଦେଇ ଅଭାବି ମାନଙ୍କ ଇଚ୍ଛା ପୂରଣ କରିଦେଇଥାନ୍ତି । ସବୁଠାରୁ ବଡ଼କଥା ହେଲା ପରିସ୍ଥିତିର ଦାସ ହୋଇ ମଣିଷ ଯେତେବେଳେ ବିପଦର ସମ୍ମୁଖୀନ ହୋଇଛି କେବଳ ଗୋଟିଏ ନିଷ୍ଠାପର ପ୍ରାର୍ଥନା ବଦଳରେ ସେ ପାଇଛି ଅଭୟ ଏବଂ ସକାରାତ୍ମକ ପ୍ରତିଶ୍ରୁତି । ଦୁର୍ଘଟଣାରୁ ଉଦ୍ଧାର ପାଇବା, ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇବା ଓ ଦୁରାତ୍ମାଙ୍କ କବଳରୁ ବର୍ତ୍ତିଯିବାର ଉଦାହରଣ ଅସଂଖ୍ୟ । ନିଜ ଜୀବନର ଦୃଷ୍ଟାନ୍ତ ଦେଇ ସମଗ୍ର ମାନବ ଜାତିକୁ ପ୍ରେମ ଓ ସେବା ମନ୍ତ୍ରରେ ଦୀକ୍ଷିତ କରାଇ ଭଗବାନ ବାବା ଆଶ୍ରିତ ମାନଙ୍କ ସହ ଆଣ ଆଶ୍ରିତମାନଙ୍କ ବହୁ ଉପକାର ଏପରିକି ଆତ୍ମଜ୍ଞାନ ସାଧନା କରାଇଛନ୍ତି । ସର୍ବଧର୍ମ ସମନ୍ୱୟ ପ୍ରତିଷ୍ଠା କରି, ଧର୍ମ ଧର୍ମ ଭିତରେ ଥିବା ବିଦ୍ୱେଷ ଭାବ ଦୂରକରି, ସମାଜରେ ସହାବସ୍ଥାନ ସମ୍ଭବ କରାଇ ପାରିଛନ୍ତି । ତାଙ୍କ ଦିବ୍ୟ ପ୍ରେମର ପ୍ରସାର ଘଟାଇ ଲୋକ ମାନଙ୍କ ପ୍ରେମ ବଳୟକୁ ଅଧିକ ସମ୍ପ୍ରସାରିତ କରାଇ ମାନବ ଜୀବନକୁ ସରଳ, ତରଳ ଓ ଉପଭୋଗ୍ୟ କରାଇ ପାରିଛନ୍ତି । ତାଙ୍କ ପାଇଁ ଯେତେ କୋଟି ଜୟକାର ଦେଲେ ବି ତାହା ଯଥେଷ୍ଟ ନୁହେଁ ।

*ଅଳିଶା ବଜାର, କଟକ,*
*ଦୂରଭାଷ : ୯୩୩୭୨୪୨୯୫୫*

# ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ



ଶରତ କୁମାର ସାହୁ

ଶ୍ରୀ ଭଗବଦ୍ ପାଦ ମହାପ୍ରଭୁ ଆଦିଶଙ୍କରାଚାର୍ଯ୍ୟଙ୍କ ଜନ୍ମ ଦକ୍ଷିଣ ଭାରତର ଶାନ୍ତସୁଶୀତଳ ରାଜ୍ୟ ଭାବେ ପରିଚିତ କେରଳ ପ୍ରଦେଶର କାଲାଡ଼ି ଗ୍ରାମରେ । ସେ ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ । ପିତା ଶ୍ରୀ ଶିବ ଗୁରୁ ଓ ମାତା ସତୀ ଆର୍ଯ୍ୟାମ୍ବା । କୁଳମଣ୍ଡନ କରିଥିବା ଏହି ଦେବଶିଶୁ ଦକ୍ଷିଣ ଭାରତର ସମ୍ମାନସ୍ପଦ ନମ୍ବୁଦି ବ୍ରାହ୍ମଣ ପରିବାରର ଥିଲେ । ୭୮୮ ଖ୍ରୀଷ୍ଟାବ୍ଦ ବୈଶାଖ ଶୁକ୍ଳ ପଞ୍ଚମୀ ଦିନ ସେ ଧରାପୃଷ୍ଠରେ ଆର୍ବିଭୂତ ହୋଇଥିଲେ । ପିଲାଦିନରୁ ତାଙ୍କ ପିତାମାତା ନାମକରଣ କରିଥିଲେ ଶଙ୍କର ଭାବରେ । ପୌରାଣିକ ତଥ୍ୟ ଅନୁଯାୟୀ ତାଙ୍କ ପିତା ଶିବଗୁରୁ ଓ ମାତା ଆର୍ଯ୍ୟାମ୍ବା ଜଣେ ନୈଷ୍ଠିକ ଶିବଭକ୍ତ ଥିଲେ ବି ଦୀର୍ଘ ବର୍ଷ ଧରି ତାଙ୍କ କୋଳମଣ୍ଡନ ହୋଇପାରୁନଥିଲା । ସ୍ୱାମୀସ୍ତ୍ରୀ ଦୁଇଜଣ ତ୍ରିଚୁରର ପ୍ରଖ୍ୟାତ୍ ଶୈବଧାମକୁ ଯାଇ କଠିନ ବ୍ରତ ପୂର୍ବକ ବର୍ଷ ବର୍ଷ ଧରି ପୂଜା କରିବାକୁ ଲାଗିଥିଲେ । ଭଗବାନ ଶିବଙ୍କ ଦିବ୍ୟାର୍ଶୀବାଦର ଫଳସ୍ୱରୂପ ଏହି ନୈଷ୍ଠିକ ବ୍ରାହ୍ମଣ ଦମ୍ପତିଙ୍କ କୋଳମଣ୍ଡନ ହୋଇଥିବା ଶିଶୁଟିର ନାମ ରଖାଯାଇଥିଲା ଶଙ୍କର । ପିଲାଟି ଦିନରୁ ନିଜ ବ୍ରାହ୍ମଣ ସଂସ୍କୃତି ସମସ୍ତ ପରମ୍ପରା, ନୀତି, ନିୟମ ଓ ସଂସ୍କୃତିକୁ ଆପଣାଇ ସେ ନିଜର ବିଦ୍ୟାୟଧନ ଜାରି କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ପରି ଶୈଶବରୁ ହିଁ ମହାପ୍ରଭୁ ଶଙ୍କରଙ୍କ ଆଧାତ୍ମିକ ବୌଦ୍ଧିକ, ସତ୍ୟ, ଅଲୌକିକ ପରିଚୟ ମିଳିଥିଲା । ସ୍ମୃତି ଶକ୍ତି ପ୍ରଖର ଥିବା ଏହି ଦେବଶିଶୁ ମାତ୍ର ବର୍ଷକ ହୋଇଥିବା ସମୟରେ ହିଁ କଥା କହିବାକୁ ସକ୍ଷମ ହୋଇଥିଲେ । ପାଞ୍ଚବର୍ଷ ବୟସରେ ବ୍ରତ ଉପନୟନ ସଂସ୍କାର ପରେ ବେଦପାଠ ପାଇଁ ଗୁରୁକୂଳକୁ ଯାତ୍ରା କରିଥିଲେ । ବୈଦିକ ବେଦଜ୍ଞାନ ସମ୍ପର୍କିତ ବିଭିନ୍ନ ତତ୍ତ୍ୱକୁ ଖୁବ୍ କମ୍ ଦିନ ଭିତରେ ସେ ନିଜ ଆୟତ୍ତକୁ ଆଣିପାରିଥିଲେ । ଧର୍ମଶାସ୍ତ୍ର, ପୁରାଣ, ଇତିହାସ, ବେଦ, ବେଦାଙ୍ଗ, ବୌଦ୍ଧାଗମ ପ୍ରଭୃତି ଦର୍ଶନଶାସ୍ତ୍ରକୁ ସେ ଖୁବ୍ କମ୍ ଦିନ ଭିତରେ ହାସଲ କରିପାରିଥିଲେ । ପିଲାଟି ଦିନରୁ ଶଙ୍କର ବସ୍ତୁବାଦର ମୋହ ଠାରୁ ବହୁତ୍ ଦୂରରେ ଥିବାରୁ କେରଳର ତତ୍‌କାଳୀନ ରାଜା ରାଜଶେଖରଙ୍କ ଅତିମୂଲ୍ୟବାନ ଉପହାରକୁ ସେ ନମ୍ରତାର ସହିତ ପ୍ରତ୍ୟାଖାନ କରିଥିଲେ । ପୌରାଣିକ କଥାନୁଯାୟୀ ପିଲାଟି ହୋଇଥିବା ସମୟରେ ମାଆଙ୍କ ସହ ନଦୀରେ ସ୍ନାନରତ ଥିବାବେଳେ ଏକ କୁମ୍ଭୀର ତାଙ୍କୁ କାମୁଡ଼ି ଧରିଥିଲା । ତେବେ ମାଆ ଯଦି ତାଙ୍କୁ ସନ୍ନ୍ୟାସ ଅବଲମ୍ବନ ପାଇଁ ଅନୁମତି ଦେଲେ ସେ କୁମ୍ଭୀର ମୁହଁରୁ ବର୍ତ୍ତି ପାରିବେ ବୋଲି କହିବା ପରେ ମାଆଙ୍କ ସ୍ୱୀକାର ପରେ ପରେ ହିଁ କୁମ୍ଭୀର ଶଙ୍କରଙ୍କୁ ଛାଡ଼ି ଦେଇଥିଲା । ପରବର୍ତ୍ତୀ ସମୟରେ ସେ ସନ୍ନ୍ୟାସୀ ବ୍ରତ ପାଳନ ନିମିତ୍ତ ମାତ୍ର ଆଠ ବର୍ଷ ହୋଇଥିବା ସମୟରେ ନିଜ ଜୀବନକୁ ଦିବ୍ୟ ପଥରେ ପରିଚାଳିତ ପାଇଁ ସାଧନା ଓ ତ୍ୟାଗକୁ ନିଜ ମୂଳଭିତ୍ତି ରୂପରେ ଗ୍ରହଣ କରିଥିଲେ ।

ତତ୍‌କାଳୀନ ସମୟରେ ଭାରତ ବର୍ଷରେ ହିନ୍ଦୁ ଧର୍ମ ଏକ ସଙ୍କଟ ଜନକ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସନାତନ ହିନ୍ଦୁ ଧର୍ମ ଓ ସମାଜକୁ ଏକ ଆଲୋକର ଶିଖା ଦେଖାଇବା ପାଇଁ ସେ ସାରା ଦେଶ ଭ୍ରମଣ କରି ବୈଦାନ୍ତିକ ବ୍ରହ୍ମଜ୍ଞାନ ପ୍ରଚାର ଦ୍ୱାରା ଭାରତ ବର୍ଷକୁ ପୁନଃ ଜାଗ୍ରତ କରିଥିଲେ । ପ୍ରଥମେ ବଦ୍ରିନାଥ, ପରେ କେଦାରନାଥ, ଉତ୍ତର କାଶୀ ସହ ବିଭିନ୍ନ ତୀର୍ଥକ୍ଷେତ୍ର ଦର୍ଶନ କରି ଅଦ୍ୱୈତବାଦର ପ୍ରଚାର ପ୍ରସାରରେ ବ୍ରତୀ ହୋଇଥିଲେ । ମାତ୍ର ଶୋଳ ବର୍ଷ ବୟସରେ ଆଚାର୍ଯ୍ୟ ଶଙ୍କର ସନାତନ ଧର୍ମର ପୁର୍ନଗଠନ କରିବା ସହ ବୌଦ୍ଧ ଓ ଅନ୍ୟ ଦିଶାହୀନ ଧର୍ମ ସନ୍ଥମାନଙ୍କୁ ଶାସ୍ତ୍ର ଆଲୋଚନା ମାଧ୍ୟମରେ ପରାସ୍ତ କରି ଉଚିତ୍ ମାର୍ଗକୁ ଆଣିବାକୁ ସକ୍ଷମ ହୋଇଥିଲେ । ଶଙ୍କର ନିଜର ଜ୍ଞାନ ଗରିମା ଓ ଆତ୍ମଶୁଦ୍ଧି ଦ୍ୱାରା ସନାତନଧର୍ମୀଙ୍କ ଆଧାତ୍ମ୍ୟ ଜ୍ଞାନର ବୃଦ୍ଧି ପାଇଁ ବେଦ ଓ ବେଦାନ୍ତକୁ ସରଳ ଭାବରେ ବ୍ରହ୍ମସୂତ୍ର ରଚନା କରିବା ସହିତ ଗୀତା, ଉପନିଷଦର ଭିନ୍ନ ଏକ ସାରମୂଳକ ରଚନା ଭାଷ୍ୟ ବା ପ୍ରସ୍ଥାନ ତ୍ରୟୀ ରଚନା କରିଥିଲେ । ଭାରତୀୟ ବୈଦିକ ସଂସ୍କୃତିର ଅବକ୍ଷୟକୁ ରୋକିବା ସହ ଭାରତରେ ସନାତନ ହିନ୍ଦଧର୍ମର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ଶଙ୍କରାଚାର୍ଯ୍ୟ ଭାରତର ଚାରିକୋଣରେ ଚାରୋଟି ବୃହତ୍ ମଠ ଭାବରେ ଚାରିଧାମର ପ୍ରତିଷ୍ଠା କରିଥିଲେ । ପୂର୍ବଦିଗରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଧାମରେ ଗୋବର୍ଦ୍ଧନ ମଠ, ପଶ୍ଚିମ ଦିଗରେ ଗୁଜୁରାଟର ଦ୍ୱାରକା ଧାମରେ ଶାରଦା ମଠ, ଉତ୍ତରାଞ୍ଚଳର ବଦ୍ରିନାଥରେ ଜ୍ୟୋର୍ତିମଠ ଓ ଦକ୍ଷିଣ ଦିଗରେ କର୍ଣ୍ଣାଟକର ରାମେଶ୍ୱର ଧାମରେ ଶୃଙ୍ଗେରି ମଠ ପ୍ରତିଷ୍ଠା ହୋଇ ଚାରି ବେଦର ପ୍ରତୀକ ଭାବରେ ପରିଚିତ ହୋଇଥିଲା । ପୁରୀର ଗୋବର୍ଦ୍ଧନ ମଠକୁ ଋକ ବେଦ, ଶୃଙ୍ଗେରୀ ମଠକୁ ଯର୍ଜୁବେଦ, ଶାରଦା ମଠକୁ ଶାମ ବେଦ ଓ ଜ୍ୟୋର୍ତିମଠକୁ ଅଥର୍ବ ବେଦର ପ୍ରତୀକ ଭାବରେ ଧରାଯାଏ । ପ୍ରାଥମିକ ସମୟରେ ଶଙ୍କର ତାଙ୍କର ଚାରିଜଣ ପ୍ରଧାନଶିଷ୍ୟଙ୍କୁ ଆଚାର୍ଯ୍ୟ ଦାୟିତ୍ୱ ଦେଇଥିବାବେଳେ ସେହିମାନେ ହିଁ ପରବର୍ତ୍ତୀ ସମୟରେ ଉକ୍ତ ମଠର ଶଙ୍କରାଚାର୍ଯ୍ୟ ଭାବେ ନାମିତ ହୋଇଥିଲେ । ସନାତନ ହିନ୍ଦୁ ଧର୍ମର ଏହି ମହାନ୍ ଆଲୋକବର୍ତ୍ତିକା ଭଗବତ୍ ପାଦ ଜଗତ୍‌ଗୁରୁ ଶଙ୍କର ମାତ୍ର ୩୨ ବର୍ଷ ବୟସରେ ଖ୍ରୀଷ୍ଟାବ୍ଦ ୮୨୦ରେ ଉତ୍ତରାଖଣ୍ଡର କେଦାରନାଥରେ ମହାପ୍ରୟାଣ ଲଭିଥିଲେ । ସଂଯୋଗକୁ ସେହି ଦିନଟି ଥିଲା ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥି । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପୁରୀ ଧାମ ସହିତ ଆଦିଶଙ୍କରାଚାର୍ଯ୍ୟଙ୍କ ରହିଥିଲା ଏକ ଆତ୍ମିକ ଜ୍ଞାନତ୍ମକ ସମ୍ପର୍କ । ସେ ଜଗନ୍ନାଥ ଧାମ ପୁରୀ ଆସି କାର୍ତ୍ତିକ ଶୁକ୍ଳ ପଞ୍ଚମୀରେ ଗୋବର୍ଦ୍ଧନ ମଠ ପ୍ରତିଷ୍ଠା କରିଥିଲେ । ଏବଂ ପୀଠର ପ୍ରଥମ ଶଙ୍କରାଚାର୍ଯ୍ୟ ଭାବେ ପଦ୍ମପାଦାଚାର୍ଯ୍ୟଙ୍କୁ ପ୍ରଥମ ଶଙ୍କରାଚାର୍ଯ୍ୟ ରୂପେ ଅଭିଷିକ୍ତ କରିଥିଲେ । ଯେ କୌଣସି ପୂଜା ଆଗରୁ ପଞ୍ଚଦେବଙ୍କ ଆବାହନ ଓ ପୂଜା (ଗଣେଶ, ନାରାୟଣ, ଚନ୍ଦ୍ର, ଅମ୍ବିକା ଓ ଭାସ୍କର) ଶଙ୍କରାଚାର୍ଯ୍ୟ ହିଁ ପ୍ରଥମେ ପ୍ରଚଳନ କରିଥିଲେ । ଶ୍ରୀଜଗନ୍ନାଥ ରତ୍ନ ସିଂହାସନରେ ପ୍ରତିଷ୍ଠିତ ହେଇ ପ୍ରଥମ ଆଳତୀ ସମୟରେ ଶଙ୍କରାଚାର୍ଯ୍ୟଙ୍କ ଆଖିରୁ ଆନନ୍ଦାଶ୍ରୁ ଝରି ପଡ଼ିଥିଲା ଏବଂ ସେ ସଂସ୍କୃତରେ ଗାଇ ଉଠିଥିଲେ, ‘କଦାଚିତ୍ କାଳିନ୍ଦୀ ତଟବିପିନ ସଙ୍ଗୀତ କରବୋ, ମୁଦାଭୀରିନାରୀ ବଦନ କମଳା ସ୍ୱାଦ ମଧୁପଃ । ରମାଶମ୍ଭୁ ବ୍ରହ୍ମାପର ପତି ଗଣେଶାର୍ଚ୍ଚିତ ପଦୋ ଜଗନ୍ନାଥଃ ସ୍ୱାମୀ ନୟନପଥଗାମୀ ଭବତୁ ମୋ । ଯାହା ଏବେ ବି ଲୋକମୁଖରେ ପ୍ରଚଳିତା । ଯେଉଁଥିରେ ଥିଲା ଶ୍ରୀକୃଷ୍ଣଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପଣ ଭାବ । ଭକ୍ତର ମୁହଁ ଭଗବାନଙ୍କ ଗୁଣଗାନରେ ଶତମୁଖର ଯାହା ପରବର୍ତ୍ତୀ ସମୟରେ ଭକ୍ତି ଆନ୍ଦୋଳନର ରୂପରେଖ ନେଇଥିଲା । ଆଜିପରି ଶଙ୍କରାଚାର୍ଯ୍ୟଙ୍କ ପବିତ୍ର ଜୟନ୍ତୀ ଅବସରରେ ଆମ ସମସ୍ତଙ୍କ ପ୍ରତି ଆଦିଶଙ୍କରଙ୍କ ଆଶୀର୍ବାଦ ରହୁ ଏହା ହିଁ କାମନା।

*‘ଉପକରଣ ହାଉସ’,*
*ଚଣ୍ଡୀଖୋଲ, ଯାଜପୁର,*
*ଦୂରଭାଷ : ୯୪୩୭୦୫୧୫୪୩*

# ମାଲେରିଆ ଓ ଯକୃତ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୨ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ । ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆର ପ୍ରଭାବ ବୃଦ୍ଧିକୁ ଆଖି ଆଗରେ ରଖି ଚଳିତ ବର୍ଷ ମାଲେରିଆ ନିରାକରଣ ଦିଗରେ ଅଧିକ ନିବେଶ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ସମୁଦାୟକୁ ଆହ୍ୱାନ ଜଣାଇଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମସ୍ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ୨୦୦୦ ମସିହାରୁ ୨୦୧୨ ମଧ୍ୟରେ ନେପାଳ, ଭୁଟାନ, କୋରିଆ, ବାଙ୍ଗଲାଦେଶ, ଶ୍ରୀଲଙ୍କା ଆଦି ଦେଶମାନେ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୭୫ ପ୍ରତିଶତ ହ୍ରାସ କରିବାରେ ସଫଳ ହୋଇଛନ୍ତି । କିନ୍ତୁ ଭାରତ ଏ କ୍ଷେତ୍ରରେ ପଛରେ ପଡ଼ିଯାଇଛି । ୨୦୨୫ ଶେଷ ବେଳକୁ ଯାଇ ଭାରତ ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା ୫୦ରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିବାରେ ସମର୍ଥ ହୋଇପାରେ । ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଏ ଅଞ୍ଚଳର ଅନ୍ୟତମ ଦେଶ ମାଳଦ୍ୱୀପରେ ୧୯୮୪ରୁ ଆଉ କେହି ଜଣେ ହେଲେ ମାଲେରିଆରେ ଆକ୍ରାନ୍ତ ହୋଇ ନାହାନ୍ତି । ଶ୍ରୀଲଙ୍କା ମଧ୍ୟ ମାଲେରିଆର ସମ୍ପୂର୍ଣ୍ଣ ନିରାକରଣ ଲକ୍ଷ୍ୟ ହାସଲର ନିକଟତର । ଭାରତରେ ଏବେ ବି ମାଲେରିଆର ପ୍ରକୋପ ଭୟଙ୍କର । କେବଳ ଦୁଇଟି ରାଜ୍ୟ ଜାମ୍ମୁ-କାଶ୍ମୀର ଓ ହିମାଚଳ ପ୍ରଦେଶକୁ ଛାଡ଼ିଦେଲେ ଦେଶର ଅବଶିଷ୍ଟ ସବୁ ରାଜ୍ୟ ମାଲେରିଆ ପ୍ରବଣ । ଲୋକସଂଖ୍ୟାର ପାଖାପାଖି ୭୦ ପ୍ରତିଶତ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ହିଁ ମାଲେରିଆ ଭାରତ ପାଇଁ କେମିତି ଏକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ତାର ସୂଚନା ଦିଏ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଇପ୍‌ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ଆରଧନା ମହୋତ୍ସବର ତାତ୍ପର୍ଯ୍ୟ



ଅନୀତା ପଟ୍ଟନାୟକ

୧୯୨୬ ମସିହା ନଭେମ୍ବର ୨୩ ତାରିଖରେ ଭଗବାନ ସତ୍ୟସାଇ ବାବା ଜନ୍ମ ଗ୍ରହଣ କରିଥିଲେ। ସେହିପରି ୨୪ ଅପ୍ରେଲ ୨୦୧୧ ମସିହାରେ ପାର୍ଥିବ ଶରୀର ତ୍ୟାଗ କରିଥିଲେ। ତାଙ୍କର ଭକ୍ତମାନେ ଏହି ଦିବସଟିକୁ ଆରଧନା ମହୋତ୍ସବ ରୂପେ ପାଳନ କରିଥାନ୍ତି। ତାଙ୍କର ପାର୍ଥିବ ଶରୀର ତ୍ୟାଗ ଦିବସଟିକୁ ମହାସମାଧି ଦିବସ ରୂପେ ଆଖ୍ୟା ଦିଆଯାଇଥାଏ। ଅନ୍ୟ ଅର୍ଥରେ ବୁଝିବାକୁ ଗଲେ ଶରୀର, ମନ, ବୁଦ୍ଧି ଉପରେ ଦିବ୍ୟତ୍ୱର ଆଚ୍ଛାଦନକୁ ମହାସମାଧି ବୋଲା ଯାଇ ପାରିବ। ସେ ସମୟ, କାଳର ଉର୍ଦ୍ଧ୍ୱକୁ ଯାଇ ମହାଜାଗତିକ ହୋଇଯାଇଛନ୍ତି। ସୀମିତ ଶରୀରକୁ ପରିତ୍ୟାଗ କରି ଅସୀମ ହୋଇ ଯାଇଛନ୍ତି। ମନୁଷ୍ୟ ତାର କର୍ମ ଚିନ୍ତା ଓ ବାକ୍ୟରେ ବାନ୍ଧି ହୋଇ ଜନ୍ମପରେ ଜନ୍ମ ଗ୍ରହଣ କରିଚାଲେ ବୋଲି ଶାସ୍ତ୍ରରେ କୁହାଯାଏ। ଆମର ପୁର୍ନଜନ୍ମ ପାଇଁ ଆମର ଅତୀତ ଓ ବର୍ତ୍ତମାନ ଗୁରୁତ୍ୱ ବହନ କରିଥାଏ। କିନ୍ତୁ ଏହା ଅବତାରଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ ତାଙ୍କର ଜନ୍ମ ଓ ଶରୀରର ତ୍ୟାଗ ତାଙ୍କର ଇଚ୍ଛା ଉପରେ ନିର୍ଭର କରିଥାଏ। ସେ ଯେତେବେଳେ ଯେଉଁଠାରେ ଚାହାଁନ୍ତି ସେ ନିଜେ ଜନ୍ମ ଗ୍ରହଣ କରନ୍ତି ଓ ସେହିପରି ଦେହତ୍ୟାଗ କରିଥାନ୍ତି। ମଣିଷ ତାର ପ୍ରିୟ ଆତ୍ମୀୟସ୍ୱଜନ ମାନଙ୍କର ପିଣ୍ଡଦାନ ପୂର୍ବକ ଶ୍ରାଦ୍ଧ ବାର୍ଷିକୀ ପାଳନ କରିଥାଏ କିନ୍ତୁ ଏହା ଅବତାରି ପୁରୁଷ ମାନଙ୍କ କ୍ଷେତ୍ରରେ କରାଯାଏ ନାହିଁ। ମନୁଷ୍ୟ ଆତ୍ମୀୟ ସ୍ୱଜନ ମାନଙ୍କର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥାଏ କିନ୍ତୁ ଅବତାରୀ ପୁରୁଷ ମାନଙ୍କର କ୍ଷେତ୍ରରେ ତାଙ୍କର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇନଥାଏ। ମନୁଷ୍ୟର ଜନ୍ମ ଥାଏ ତେଣୁ ଆରମ୍ଭ ଥାଏ, ତାର ମୃତ୍ୟୁ ଥାଏ ତେଣୁ ଶେଷ ଥାଏ। କିନ୍ତୁ ଅବତାରଙ୍କ କ୍ଷେତ୍ରରେ ତାଙ୍କର ଆରମ୍ଭ ନଥାଏ କି ଶେଷ ନଥାଏ। ଅବତାର ଯେତେବେଳେ ମନୁଷ୍ୟ ରୂପେ ଜନ୍ମ ନିଅନ୍ତି ଆମେ ତାକୁ ଜନ୍ମଦିନ ଭାବେ ପାଳନ କରିଥାଉ। ଯଥା କୃଷ୍ଣ ଜନ୍ମାଷ୍ଟମୀ, ରାମ ନବମୀ, ମହାବୀର ଜୟନ୍ତୀ, ଖ୍ରୀଷ୍ଟମାସ ଇତ୍ୟାଦି। ଅବତାରୀ ପୁରୁଷମାନେ ଜନ୍ମ ହୋଇ ମାନବ ସମାଜକୁ ମାନବ ସମାଜ ପ୍ରତି ତାଙ୍କର ଜନ୍ମର ଉଦ୍ଦେଶ୍ୟକୁ ବୁଝାଇ ଦେଇଥାନ୍ତି। ଅବତାରମାନେ ନିଜ ଇଚ୍ଛାରେ ନିଜର ଅନ୍ତ ଘଟାଇଥାନ୍ତି। ଭଗବାନ ସତ୍ୟସାଇ ବାବା ଦେହତ୍ୟାଗ କରିବାର ବହୁ ଦିନ ପୂର୍ବରୁ ତାଙ୍କର ପ୍ରିୟ ଶିଷ୍ୟ ଅନୀଲ କୁମାରଙ୍କୁ ଦେହତ୍ୟାଗ କରିବାର ସୂଚନା ଦେଇ ପ୍ରଶାନ୍ତି ନିଳୟମ ମନ୍ଦିରର ସାଇକୁଲବନ୍ତ ହଲରେ ଥିବା ଗଣେଶ ମୂର୍ତ୍ତି ନିକଟରେ ତାଙ୍କର ପାର୍ଥିବ ଶରୀର କିପରି ସମାଧି ନେବ ସେ ସ୍ଥାନଟିକୁ ଦେଖାଇ ଦେଇଥିଲେ। ସେହିପରି ସାଇ କୁଲବନ୍ତ ହଲର ଛାତରେ ସୁନା ଛାଉଣିର ଚିତ୍ର ଲାଗୁଥିବା ସମୟରେ ତାଙ୍କର ସମାଧିସ୍ଥଳ ଗଣେଶ ମୂର୍ତ୍ତି ତଳେ ହେବ ବୋଲି ଦେଖାଇ ଦେଇଥିଲେ। ଭଗବାନ ସତ୍ୟସାଇ ବାବା ତାଙ୍କର ମାତା ଈଶ୍ୱରାମ୍ମାଙ୍କୁ ଦିନେ ପ୍ରତିଶ୍ରୁତି ଦେଇ କହିଥିଲେ, ଯେ ସେ ପୁଟ୍ଟପର୍ତ୍ତି ଛାଡ଼ି ଅନ୍ୟ କୌଣସି ଜାଗାକୁ ଯିବେ ନାହିଁ। ସେହି ପ୍ରତିଶ୍ରୁତିକୁ ରକ୍ଷାକରି ତାଙ୍କର ମହାସମାଧି ପ୍ରଶାନ୍ତି ନିଳୟମର ସାଇ କୁଲବନ୍ତ ହଲରେ ସେ ପୂର୍ବରୁ ଦର୍ଶାଇଥିବା ସ୍ଥାନରେ ତାଙ୍କର ପାର୍ଥିବ ଶରୀରକୁ ସମାଧି ଦିଆଯାଇଛି। କେବଳ ଫରକ ଏତିକି ଯେ ଶ୍ରଦ୍ଧାଳୁ, ଆଶ୍ରିତ ଭକ୍ତମାନେ ସାଇ କୁଲବନ୍ତ ହଲରେ ବସି ବାବା ସମାଧି ନେବା ପୂର୍ବରୁ ତାଙ୍କର ପାର୍ଥିବ ଶରୀର ଆଗମନକୁ ଚାତକପକ୍ଷୀ ପରି ଚାହିଁ ବସୁଥିଲେ। ତାଙ୍କର ପାଦର ଓ ଶରୀରର ଦର୍ଶନ ନିମନ୍ତେ ଲକ୍ଷ ଲକ୍ଷ ଭକ୍ତ ପୃଥିବୀର କୋଣ ଅନୁକୋଣରୁ ପ୍ରତିବର୍ଷ ଧାଇଁ ଆସୁଥିଲେ। କିନ୍ତୁ ଆଜି ଓଲଟା ହୋଇଯାଇଛି। ସେ ମହାସମାଧି ନେବା ଠାରୁ ତାଙ୍କର ଭକ୍ତମାନଙ୍କୁ ଅନୁଗ୍ରହ ଆଶୀର୍ବାଦ ଦେବା ନିମନ୍ତେ ସେ ସମାଧିସ୍ଥଳରେ ଉପସ୍ଥିତ ଅଛନ୍ତି। ତାଙ୍କ ନିମନ୍ତେ ଶାନ୍ତି ପ୍ରାର୍ଥନା, ବେଦମନ୍ତ୍ର ଉଚ୍ଚାରଣ ଏସବୁର ଆବଶ୍ୟକତା ନାହିଁ କାରଣ ତାଙ୍କର ଆବାସର ସ୍ଥାନ ପ୍ରଶାନ୍ତି ନିଳୟମ। ତେବେ ଏହା ଏକ ପ୍ରଶ୍ନ ଏପରି ଏକ ଦିବସରେ ସେ ମାନବ ସମାଜ ଠାରୁ କ’ଣ ଚାହାଁନ୍ତି ? ପୃଥିବୀରେ ଅନେକ ଗୁରୁ ଅଛନ୍ତି ଯାହାର ଦର୍ଶନ ନିମନ୍ତେ ଟଙ୍କା, ସୁନା, ଦାନ କରିବାକୁ ପଡ଼ିଥାଏ। କିନ୍ତୁ ପ୍ରକୃତ ଗୁରୁ କେବଳ ଦିଏ କିଛି ଗ୍ରହଣ କରେନାହିଁ। ଭଗବାନ ସତ୍ୟସାଇ ମାନବ କଲ୍ୟାଣ ନିମନ୍ତେ ନିଃଶୁଳ୍କ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ, ଜଳଯୋଗାଣ, ଗରିବ ଲୋକଙ୍କୁ ଅନ୍ନଦାନ, ଗୋଦାନ, ଭୂଦାନ, କନ୍ୟାଦାନ ଇତ୍ୟାଦି କରିଥିଲେ। ସେ ଯାହା କହୁଥିଲେ ତାହା କରୁଥିଲେ ତେଣୁ ସେ କେବଳ ଅବତାରୀ ପୁରୁଷ ନୁହଁନ୍ତି ପ୍ରକୃତ ସଦଗୁରୁ ଥିଲେ। ସେ ସର୍ବଧର୍ମ ସମନ୍ୱୟରେ ବିଶ୍ୱାସ ରଖୁଥିଲେ। ଏକ ଶାନ୍ତି ସ୍ତୁପ ଏହି ଉଦ୍ଦେଶ୍ୟରେ ପ୍ରଶାନ୍ତି ନିଳୟମରେ ପ୍ରତିଷ୍ଠା ହୋଇଅଛି। ଏହିପରି ଏକ ମହାନଗୁରୁ ଓ ଅବତାରୀ ପୁରୁଷଙ୍କର ମହାସମାଧି ଦିବସଟିକୁ ପାଳନ କରିବାକୁ ହେଲେ ଆମକୁ ସର୍ବଧର୍ମ ସମନ୍ୱୟ ଉପରେ ଗୁରୁତ୍ୱ ଦେବାକୁ ହେବ ଓ ଏହାର ପ୍ରଚାର ପ୍ରସାର କରିବାକୁ ହେବ। ଅନ୍ନଦାନ, ରୋଗୀ ସେବା, ନିଃଶୁଳ୍କ ବିଦ୍ୟାଦାନ, ଗୋସେବା କରିବାକୁ ହେବ। ଅନ୍ଧ, ମୁକ, ବଧିର ପିଲାମାନଙ୍କ ନିକଟକୁ ଯାଇ ଆନନ୍ଦର ନୂତନ ପରିଭାଷା ଲେଖିବାକୁ ହେବ। ବୃଦ୍ଧାଶ୍ରମକୁ ଯାଇ ବୃଦ୍ଧପିତା ମାତାଙ୍କୁ କିପରି ସମ୍ମାନ କରିବାକୁ ହୁଏ ତାର ଦୃଷ୍ଟାନ୍ତ ସମାଜ ଆଗରେ ରଖିବାକୁ ହେବ। ଏହା ହିଁ ଆରଧନା ମହୋତ୍ସବର ପ୍ରକୃତ ଉଦ୍ଦେଶ୍ୟ ହେବା ଉଚିତ। ଏହା ବେଦମନ୍ତ୍ର ଉଚ୍ଚାରଣ, ଭଜନ କୀର୍ତ୍ତନ, ପୂଜାର୍ଚ୍ଚନା କରି କୌଣସି ମହାନ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିବାର ଦିବସ ନୁହେଁ।

*ଅବସରପ୍ରାପ୍ତ ପ୍ରଧାନିକା, ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ସମାଜ ସେବୀ ସାମ୍ବାଦିକ : ରାଧାନାଥ ରଥ



ଡ଼ଃ.ଅରୁନ୍ଧତୀ ଦେବୀ

ଓଡ଼ିଶାର ସୁନାମଧନ୍ୟ ସାମ୍ବାଦିକ, ସାହିତ୍ୟିକ, ଶିକ୍ଷାବିତ୍, ରାଜନେତା ଓ ସମାଜସେବୀ ରାଧାନାଥ ରଥ। ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ଦେଶପ୍ରେମୀଙ୍କ ମଧ୍ୟରେ ସେ ଅନ୍ୟତମ। ମାତୃଭୂମି ପାଇଁ ସଜା ବି କାଟିଥିଲେ। ୧୯୪୬ରେ ସେ ପାଞ୍ଚ ଥର ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଅଲିଗଡ଼ରୁ ରାଜ୍ୟ ବିଧାନସଭାକୁ ସେ ପ୍ରଥମେ ନିର୍ବାଚିତ ହୋଇଥିଲେ। ୧୯୫୨ରୁ ୧୯୬୧ ପର୍ଯ୍ୟନ୍ତ ଅର୍ଥ, ଶିକ୍ଷା, ଜଙ୍ଗଲ ଏବଂ କୃଷି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଭାବେ ନିଯୁକ୍ତ ହୋଇଥିଲେ। ନବକୃଷ୍ଣ ଚୌଧୁରୀଙ୍କ ମନ୍ତ୍ରୀମଣ୍ଡଳରେ ରାଧାନାଥ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ପଦ ସମ୍ଭାଳିଥିଲେ। ଲାଲା ଲାଜପତ ରାଏଙ୍କ ଦ୍ୱାରା ପ୍ରତିଷ୍ଠିତ ଲୋକସେବକ ମଣ୍ଡଳର ସେ ଆଜୀବନ ସଦସ୍ୟ ଏବଂ ଓଡ଼ିଶା ଶାଖାର ମୁଖ୍ୟ ରହିଥିଲେ। ଲୋକସେବକ ମଣ୍ଡଳର ଦାୟିତ୍ୱ ନିର୍ବାହ ବେଳେ ସେ ଅନେକ ଜନପ୍ରିୟ ଓ ଲୋକମାନଙ୍କ ନିମିତ୍ତ ସେବାକାର୍ଯ୍ୟ ଜାରି ରଖି କୋଟି କୋଟି ଓଡ଼ିଆଙ୍କ ଭିତରେ ସେ ତାଙ୍କ ସୁନାମ ଚିରକାଳ ପାଇଁ ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରାଇଯାଇଛନ୍ତି। ‘ସମାଜ’ ଖବରକାଗଜର ସମ୍ପାଦନା ଦାୟିତ୍ୱ ସମୟରେ ତାଙ୍କ ସ୍ପଷ୍ଟବାଦୀ, ନିର୍ଭୀକତା, ଜନସେବାଭିମୁଖୀ ସମସ୍ତ ମୂଲ୍ୟବୋଧଭିତ୍ତିକ ଗୁଣକୁ ବଜାୟ ରଖି ଏହାର ନିରପେକ୍ଷତା ଓ ସମସ୍ତ ଲୋକଙ୍କର ବିଶ୍ୱସନୀୟତାକୁ ବଜାୟ ରଖିପାରିଥିଲେ। ଆଜି ସମାଜ ସାଧାରଣ ଲୋକଙ୍କ ଖବରକାଗଜ ଭାବେ ଘରେ ଘରେ ପରିଚିତ। ଲୋକ ଖବରକାଗଜ ବୋଇଲେ ସମାଜକୁ ହିଁ ବୁଝାନ୍ତି। ସମଗ୍ର ଭାରତ ବର୍ଷରେ ଓଡ଼ିଆ ଖବରକାଗଜ ସମାଜ ଦିନକୁ ଦିନ ଯେଉଁପରି ଲୋକପ୍ରିୟତା, ପାଠକୀୟ ଆବୃତ୍ତି ଓ ଲୋକାଭିମୁଖୀ ଖବରକୁ ସ୍ଥାନିତ କରି ପ୍ରଶଂସିତ ହୋଇପାରୁଛି ଏ କ୍ଷେତ୍ରରେ ରାଧାନାଥ ବାବୁଙ୍କ ଅବଦାନ ଚିରସ୍ମରଣୀୟ ନିଶ୍ଚିନ୍ତ। ଅଖିଳ ଭାରତୀୟ ସ୍କାଉଟ ଓ ଗାଇଡ୍ ସଂଗଠନର ମୁଖ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ହିନ୍ଦ୍ କୁଷ୍ଠ ନିରାକରଣ ସମୂହ, ଗୋପବନ୍ଧୁ ଦରିଦ୍ର ନାରାୟଣ ସେବା ସଂଘ ଭଳି ଅନେକ ସମାଜ କଲ୍ୟାଣକାରୀ ସଂଗଠନ ସହ ସେ ଜଡ଼ିତ ଥିଲେ। କେବଳ ରାଜନୀତି ନୁହେଁ, ଓଡ଼ିଶାର ସେ ଜଣେ ସୁପରିଚିତ ସାମ୍ବାଦିକ ମଧ୍ୟ। ଓଡ଼ିଆ ସାପ୍ତାହିକ ସମାଜର ପ୍ରବନ୍ଧକ ତଥା ସହ ସମ୍ପାଦକ ଭାବେ ରାଧାନାଥ ସାମ୍ବାଦିକତା ଆରମ୍ଭ କରିଥିଲେ। ଉତ୍କଳମଣି ଗୋପବନ୍ଧୁଙ୍କ ଦେହାନ୍ତ ପରେ ପଣ୍ଡିତ ଲିଙ୍ଗରାଜ ମିଶ୍ର ସମାଜର ସମ୍ପାଦନା ଦାୟିତ୍ୱ ହାତକୁ ନେଇଥିଲେ। ତେବେ ୧୯୪୬-୧୯୫୨ରେ ସେ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ପଦବୀରେ ନିଯୁକ୍ତ ହେବା ପରେ ରାଧାନାଥ ସମାଜର ସମ୍ପାଦକ ଦାୟିତ୍ୱ ହାତକୁ ନେଇଥିଲେ। ସେ ଜଣେ ସାହିତ୍ୟପ୍ରେମୀ ମଧ୍ୟ। ତାଙ୍କ ସୃଜନସମ୍ଭାର ମଧ୍ୟରେ ଅନେକ କବିତା, କାହାଣୀ ଓ ଆତ୍ମକଥା ରହିଛି। ‘ମୋ ଜେଲ ସ୍ମୃତି ଲିପି’, ତାଙ୍କର ଅନ୍ୟତମ ପ୍ରସିଦ୍ଧ ସଂକଳନ। ଓଡ଼ିଶାକୁ ଅନନ୍ୟ ଅବଦାନ ଲାଗି ସେ ଅନେକ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଛନ୍ତି। ଏହି ଲେଖିକା ଏହିପରି ଜଣେ କିମ୍ବଦନ୍ତୀ ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସିବାର ଅହୋଭାଗ୍ୟ ପାଇଥିଲା। ଯେତେବେଳେ ଯେଉଁ ମୁହୂର୍ତ୍ତରେ ଆନ୍ଦୋଳନର କାର୍ଯ୍ୟକ୍ରମ ପାଇଁ ଯାହା ସାହାଯ୍ୟ ଦରକାର ପଡ଼ିଛି ପୂଜ୍ୟ ରାଧାନାଥ ବାବୁ ତତ୍କାଳ ତାହା ଯୋଗାଇ ଦେଇ ନୈତିକ ସମର୍ଥନ ଦେଉଥିଲେ। ୧୯୯୮ ଫେବୃଆରୀ ୧୧ ତାରିଖ ଦିନରେ କଟକ ଠାରେ ରାଧାନାଥ ରଥଙ୍କ ଦେହାନ୍ତ ହୋଇଥିଲା।

*ନିର୍ଦ୍ଦେଶିକା-ସମ୍ପାଦିକା,*
*ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*




# ଲୋକପ୍ରତିନିଧି ଓ ରେସନ୍ କାର୍ଡ଼



କର୍ପୋରେଟର୍, କାଉନ୍‌ସିଲର୍, ସରପଞ୍ଚ ଓ ୱାର୍ଡ଼ମେମ୍ବରଙ୍କ ଭଳି ଲୋକପ୍ରତିନିଧି ଯେ ରେସନ୍ କାର୍ଡ଼ ଗ୍ରହଣ କରିବା ଏକ ଅପରାଧ, ଏହା ସବୁବେଳେ ଠିକ୍ ନୁହେଁ। ସମସ୍ତେ ଜାଣନ୍ତି ଯେ, ଅଧିକାଂଶ ଲୋକପ୍ରତିନିଧିଙ୍କର ନିର୍ଦ୍ଦିଷ୍ଟ ଆୟ ନାହିଁ। ରାଜନୀତିକୁ ଏକ ବେପାର ଭାବେ ଗ୍ରହଣ କରି ହାତ ସଫେଇ ଦ୍ୱାରା ସେମାନେ ଯାହା ରୋଜଗାର କରିଥାନ୍ତି, ସେଭଳି ଆୟର କୌଣସି ଅଗମୂଳ ନଥାଏ। ତେଣୁ ତାହାକୁ ଏକ ନିର୍ଦ୍ଦିଷ୍ଟ ରୋଜଗାର ପନ୍ଥା ବୋଲି ଧରି ନିଆଯିବା ଠିକ୍ ନୁହେଁ। ଏହାଛଡ଼ା ଆମ ରାଜ୍ୟରେ ଜାତି, ଜନଜାତି ଓ ମହିଳା କୋଟାରେ ନିର୍ବାଚିତ ଲୋକପ୍ରତିନିଧି ମାନେ ଉଚ୍ଚବର୍ଗର କ୍ଷମତାଶାଳୀ ଲୋକଙ୍କର ଡ଼ମି ରୂପେ କାର୍ଯ୍ୟ କରନ୍ତି ଓ ସେମାନଙ୍କ ଇଙ୍ଗିତରେ ଉଠ୍ ବସ୍ ହୁଅନ୍ତି। ଏଭଳି ଲୋକପ୍ରତିନିଧିଙ୍କର ଆର୍ଥିକ ଅବସ୍ଥା ଆହୁରି ଦୟନୀୟ। ଅନ୍ୟପକ୍ଷରେ ଲୋକପ୍ରତିନିଧିତ୍ୱ ଏକ ସ୍ଥାୟୀ ପଦବୀ ନୁହେଁ। କେତେବେଳେ ଯେ ପଦବୀ ଖସି ଯିବ, କହିହେବ ନାହିଁ। ବିଧାୟକ ଓ ସାଂସଦଙ୍କ ଭଳି ଦରମା ଓ ପେନସନ୍ ନାହିଁ। ଗାଁଗହଳରେ ଏଭଳି ଲୋକପ୍ରତିନିଧିଙ୍କର ଆର୍ଥିକ ଅବସ୍ଥା ଏତେ ଖରାପ ଯେ ସେମାନଙ୍କ ପାଇଁ ରେସନ୍ କାର୍ଡ଼ ପାଇବା ଅତି ଜରୁରୀ।

ମୁଁ ରହୁଥିବା ଉମରକୋଟ୍ ପୌରାଞ୍ଚଳରେ ଭଗବାନ୍ ବାଗ୍ ନାମକ ଜଣେ କାଉନ୍‌ସିଲର ଥିଲେ। ସେ ଅନୁସୂଚିତ ଜାତି ବର୍ଗ କୋଟାରେ ନିର୍ବାଚିତ ହୋଇଥିଲେ। ସ୍ୱଳ୍ପ ଶିକ୍ଷିତ ଏହି ଲୋକପ୍ରତିନିଧି ଖୁବ୍ ଭଦ୍ର ଓ ମେଳାପୀ ଥିଲେ। ସେ ଭୂମିହୀନ ବ୍ୟକ୍ତି ଥିଲେ ଓ ଏକ ସରକାରୀ ଜାଗାରେ କୁଡ଼ିଆଟିଏ କରି ରହୁଥିଲେ। ଆଦିବାସୀ ଅଞ୍ଚଳରେ ଅଧିକାଂଶ ୪ର୍ଥ ଶ୍ରେଣୀ କର୍ମଚାରୀ ଆଦୌ କାମ କରନ୍ତି ନାହିଁ। ଦିନରାତି ମଦ ପିଇ ଜୁଆ ଖେଳି ସମୟ ବିତାନ୍ତି। ସେମାନଙ୍କୁ ଶାସନ କରିବା ଅଧିକାରୀଙ୍କ ପକ୍ଷରେ ଅସମ୍ଭବ। ଦରମା ବନ୍ଦ କଲେ କିମ୍ବା କୈଫିୟତ ମାଗିଲେ, ମଦ ପିଇ ଘରେ ଆସି ଗଣ୍ଡଗୋଳ କରନ୍ତି। ତାଙ୍କ ପକ୍ଷ ନେଇ ନେତା ମାନେ ମଧ୍ୟ ବାହାରି ପଡ଼ନ୍ତି। ତେଣୁ ଏହି ଅଞ୍ଚଳରେ ଏକ ଅଲିଖିତ ନିୟମ ଅନୁସାରେ କାମ କରୁନଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ମାନେ ତାଙ୍କ ବଦଳରେ ଜଣେ ଡ଼ମିକୁ ନିଯୁକ୍ତି ଦିଅନ୍ତି। ତା' ଦ୍ୱାରା ସରକାରୀ କାମ କରାନ୍ତି। ବିଚରା ଶିକ୍ଷିତ ଯୁବକଟାଏ ଭୋକ ବିକଳରେ ୪୦୦/୫୦୦ ଟଙ୍କାରେ ମାସ ସାରା କାମ କରିଥାଏ। ଆଉ ତାକୁ ଠିକା ନିଯୁକ୍ତି ଦେଇଥିବା ୪ର୍ଥ ଶ୍ରେଣୀ କର୍ମଚାରୀର ମାସକୁ ୨୦/୨୫ ହଜାର ଟଙ୍କା ଦରମା। ଏଥିରୁ ସାମାନ୍ୟ କିଛି ଦେଇ ତା' ଡ୍ୟୁଟୀ ସୁରୁଖୁରୁରେ ହୋଇଯାଏ। ଅଧିକାରୀମାନେ ମଧ୍ୟ ଶାନ୍ତିରେ ନିଃଶ୍ୱାସ ମାରନ୍ତି। ବିଚରା ଭଗବାନ୍ ବାଗ୍ ସେହିଭଳି କାମ କରି ମାସିକ ୫୦୦ ଟଙ୍କା ରୋଜଗାର କରୁଥିଲା। କିଛିଦିନ ପରେ ରୋଗରେ ପଡ଼ି ଅତି ଦୁର୍ଦ୍ଦିନରେ ତାର ଆକସ୍ମିକ ମୃତ୍ୟୁ ହୋଇଗଲା।

ଅତଏବ ଲୋକପ୍ରତିନିଧିମାନେ ରେସନ୍ କାର୍ଡ଼ ନେଲେ ବୋଲି ଯେଉଁ ହଙ୍ଗାମା ସୃଷ୍ଟି ହେଉଛି, ତାହାର ବାସ୍ତବ ଭିତ୍ତିଭୂମି କିଛି ନାହିଁ। ଲୋକପ୍ରତିନିଧି ହୋଇଗଲେ ଯେ ଜଣେ ଧନୀ ହୋଇଯିବ, ଏହା ଭାବିବା ଭୁଲ୍। ଅଧିକାଂଶ ଲୋକପ୍ରତିନିଧି କ୍ଷମତାରୁ ଗଲା ପରେ ମାଗିଯାଚି କିମ୍ବା ଧମକାଇ କିଭଳି ଚଳନ୍ତି, ତାହା ସମସ୍ତେ ଜାଣନ୍ତି। ଏଣୁ ସେମାନଙ୍କୁ ଧର, ବାନ୍ଧ ବୋଲି ଯେଉଁ ରଡ଼ି ଶୁଭୁଛି, ତାହା ଏକ ସାମାଜିକ ଅସହିଷ୍ଣୁତାର ପରିପ୍ରକାଶ। ଯେଉଁ ମାପକାଠି ଆଧାରରେ ରେସନ୍ କାର୍ଡ଼ ଚୟନ ପାଇଁ ସ୍ଥିର କରାଯାଇଛି, ତାହା ସଂପୂର୍ଣ୍ଣ ଭ୍ରମାତ୍ମକ ମନେହେଉଛି। ଜଣଙ୍କର ୩ବଖରା ଘର ଓ ଗାଡ଼ିଟିଏ ଥିଲେ, ତାକୁ ଧନୀ କୁହାଯିବା ଠିକ୍ ନୁହେଁ। ବରଂ ଲୋକଙ୍କର ଭବିଷ୍ୟତ ଅବସ୍ଥା, ସ୍ଥାବର ଅସ୍ଥାବର ସଂପତ୍ତିର ପରିମାଣ, ସାମାଜିକ ବୋଝର ପରିମାଣ ଆଦିକୁ ବିଚାରକୁ ନିଆଯିବା ଅତ୍ୟନ୍ତ ଜରୁରୀ। ତେଣୁ ଯେଉଁ ଲୋକଟି ରେସନ୍ କାର୍ଡ଼ ପାଇଛି, ତାକୁ କେବଳ ଖାମଖିଆଲ ଭାବେ କାଟି ଦେବା ଉଚିତ ନୁହେଁ। ଯଦିଓ ରେସନ୍ କାର୍ଡ଼ର ମାପକାଠି ଓ ବ୍ୟକ୍ତିର ଅବସ୍ଥାକୁ ବିଚାରକୁ ନେଇ ନିରପେକ୍ଷ ଭାବେ ଚୟନ କରାଯାଇଥାନ୍ତା, ଏଭଳି ହୋହଲ୍ଲା ହୋଇ ନଥାନ୍ତା।

**-ଡାକ୍ତର ସୁରେନ୍ଦ୍ରନାଥ ଦାଶ**
*ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ,*
*ମୋ - ୯୪୩୭୨୩୫୩୮୬*

# ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କୃଷିବୀମା ନ ମିଳିଲେ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରିବ କିଷାନ କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ପୂର୍ବରୁ ରାଷ୍ଟ୍ରୀୟ କୃଷି ବୀମା ଯୋଜନା ମାଧ୍ୟମରେ ବୀମା କ୍ଷତିପୂରଣ ସହାୟତା ରାଶି ପ୍ରଦାନ କରାଯାଉଥିଲା। ଫଳରେ ଚାଷୀ ସହଜରେ ବୀମା କ୍ଷତି ପୂରଣ ପାଇପାରୁ ଥିଲେ। କିନ୍ତୁ ୨୦୧୬ ଖରିଫ୍‌ଠାରୁ ଦେଶରେ ମୋଦୀ ସରକାରର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରାଯିବା ଫଳରେ ଏଥିରେ ଚାଷୀ ଲାଭବାନ ହେବା ପରିବର୍ତ୍ତେ ହାତ ଗଣତି କେତୋଟି ଘରୋଇ ବୀମା କମ୍ପାନୀ ଓ ସରକାରଙ୍କ ମଧୁ ଚନ୍ଦ୍ରିକାରେ ସରକାର ଓ କମ୍ପାନୀମାନେ ମାଲାମାଲ ହେଉଛନ୍ତି। ଲକ୍ଷ ଲକ୍ଷ ଚାଷୀ ଠିକଣା ସମୟରେ ବୀମା ପ୍ରିମିୟମ ପଇଠ କରି ଏବେ ବୀମା ସହାୟତା ପାଇବାରୁ ବଞ୍ଚିତ। ୨୦୨୧ ଖରିଫ୍ ଋତୁରେ ବଲାଙ୍ଗିର ଜିଲ୍ଲାର ୮୦ଟି ଗ୍ରାମ ପଞ୍ଚାୟତର ଚାଷୀ କୃଷି ବୀମା କରିଥିଲେ ସୁଦ୍ଧା କ୍ଷତିଗ୍ରସ୍ତ ଚାଷୀଙ୍କୁ ଏବେ ସୁଦ୍ଧା କ୍ଷତି ପୂରଣ ଦିଆ ଯାଇନାହିଁ। କିଷାନ କଂଗ୍ରେସ ସମେତ ବହୁ ଚାଷୀ ସଂଗଠନ ତୁରନ୍ତ ବୀମା ଅର୍ଥ ପ୍ରଦାନ କରିବାକୁ ବାରମ୍ବାର ଦାବୀ କରି ଆସୁଥିବା ବେଳେ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡ଼ି ସରକାର ଚାଷୀଙ୍କୁ ପ୍ରତାରିତ କରି ଚାଲିଛନ୍ତି। ୨୦୨୧ ବର୍ଷରେ ଫସଲ କ୍ଷତିଗ୍ରସ୍ତ ଲାଗି ୧୩୬୦କୋଟି ଟଙ୍କାର ବୀମା ସହାୟତା ନିର୍ଦ୍ଧାରିତ ସମୟରେ ଚାଷୀଙ୍କୁ ଯୋଗାଇଦେବାର ଥିଲା। କିନ୍ତୁ ଚାଷୀଙ୍କୁ ୯୪୦ କୋଟି ଟଙ୍କା ବୀମା ରାଶି ବଣ୍ଟନ କରାଯାଇ ଆଉ ଅବଶିଷ୍ଟାଂଶ ଟଙ୍କା ବୀମା କମ୍ପାନୀ ଚାଷୀଙ୍କୁ ଗତ ଏପ୍ରିଲ ମାସ ସୁଦ୍ଧା ପ୍ରଦାନ କରିବା କଥା। ବର୍ତ୍ତମାନ ଆଉ ପ୍ରାୟ ୪୨୦ କୋଟି ଟଙ୍କା ବୀମା ସହାୟତା ରାଶି ଚାଷୀଙ୍କୁ ପ୍ରଦାନ କରା ନ ଯିବା ଏକ କ୍ଷୋଭର ବିଷୟ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ଉଭୟ ସରକାରଙ୍କ ଚାଷୀମାରଣ ନୀତିର ତୀବ୍ର ନିନ୍ଦା କରିଛନ୍ତି। ସରକାର ଏବେ ରକ୍ଷକ ହୋଇ ଭକ୍ଷକ ସାଜିଛନ୍ତି। ଯଦି ଆସନ୍ତା ୧୫ ଦିନ ମଧ୍ୟରେ ବଲାଙ୍ଗିର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ଫସଲ କ୍ଷତିଗ୍ରସ୍ତ ଏପରି ଚାଷୀଙ୍କୁ ବୀମା କ୍ଷତିପୂରଣ ରାଶି ପ୍ରଦାନ ନ କରନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁଯାୟୀ ସଂପୃକ୍ତ ବୀମା କମ୍ପାନୀ କାର୍ଯ୍ୟାଳୟ ସମ୍ମୁଖରେ ପିସିସି କିଷାନ କଂଗ୍ରେସ ପକ୍ଷରୁ ଧାରଣ, ବିକ୍ଷୋଭ ଓ ପ୍ରତିବାଦ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ସରକାରଙ୍କୁ ଚେତାବନୀ ଦେଇଛନ୍ତି।

## ୧ କୋଟି ଟଙ୍କାର ବ୍ରାଉନ ସୁଗାର ଜବତ

ବାଲେଶ୍ୱର (ପିଏନ୍)-ସ୍ଥାନୀୟ ପୁଲିସ ସହାୟତାରେ ଏସଟିଏଫ ଟିମ୍ ବାଲେଶ୍ୱର ରେଳ ଷ୍ଟେସନ ନିକଟରେ ଚଢ଼ଉ କରି ୧ କେ.ଜି. ୬୦ ଗ୍ରାମ ଓଜନର ବ୍ରାଉନ ସୁଗାର ଜବତ କରିଛି। ଜବତ ବ୍ରାଉନସୁଗାର ର ମୁଲ୍ୟ ୧ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଚଛି। ଏହି ଘଟଣାରେ ଏସଟିଏଫ ୨ ଜଣଙ୍କୁ ଗିରଫ କରିଛି। ଏହି ଦୁଇ ବ୍ରାଉନସୁଗାର ମାଫିଆ ହେଲେ ଏସ କେ. ରାଜୁ ଓ ଅମଜାଦ ଖାନ। ରାଜୁର ଘର ବାଲେଶ୍ୱର ସହରର ଆଜିମାବାଦ ଅଞ୍ଚଳରେ ହୋଇଥିବା ବେଳେ ଅମଜାଦର ଘର ସହଦେବଖୁଣ୍ଟା ଥାନା ଅଞ୍ଚଳରେ ବୋଲି ଜଣାପଡ଼ିଛି। ଉଭୟ ଅଭିଯୁକ୍ତ ଓ ଅନ୍ୟାନ୍ୟ ଅପରାଧୀକ ସାମଗ୍ରୀ ଜବତ କରାଯାଇଥିବା ବେଳେ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ମାନସିକ ରୋଗ ଓ ରୋଗୀ



ଗୁଡ଼ାଏ କଥାକୁ ମନରେ ଚାପିଧରିବା ଏବଂ ସବୁବେଳେ ଚିନ୍ତାରେ ରହିବା ମାନସିକ ରୋଗର କାରଣ ହୁଏ। ମାନସିକ ରୋଗୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଛି। ପ୍ରତି ୪ଜଣ ଭାରତୀୟଙ୍କ ମଧ୍ୟରୁ ଜଣେ ସେମାନଙ୍କ ଜୀବନକାଳ ମଧ୍ୟରେ କେବେ ନା କେବେ କିଛି ପରିମାଣରେ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ପରିବାରରେ ଅଶାନ୍ତି, ଚାକିରି ଚାପ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥା ଅନେକଙ୍କ ମାନସିକ ସ୍ଥିତିକୁ ଦୋହଲାଇ ଦେଉଛି। ଏକ ପରିସଂଖ୍ୟାନରୁ ଜଣାଯାଏ ଭାରତରେ ୧୦୦ କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କ ମଧ୍ୟରୁ ୧-୨ ପ୍ରତିଶତ ବ୍ୟକ୍ତିବିଶେଷ ସାଂଘାତିକ ମାନସିକ ରୋଗର ଶିକାର ହେଉଛନ୍ତି ଏବଂ ୫ ପ୍ରତିଶତ ଟିକେ କମ୍ ମାନସିକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାଖାପାଖି ୨ କୋଟି ଲୋକ ମାନସିକ ରୋଗରେ ପୀଡ଼ିତ। ଏଥିପାଇଁ ୩,୫୦୦ ଜଣ ମନସ୍ତତ୍ତ୍ୱବିତ୍ ଅଛନ୍ତି ଏବଂ ୧୫୦୦ ମନସ୍ତତ୍ତ୍ୱ ନର୍ସ ଅଛନ୍ତି।



ଭାରତରେ ସହରାଞ୍ଚଳରେ ଅଧିକାଂଶ ଲୋକ ମାନସିକ ରୋଗଗ୍ରସ୍ତ ଏବଂ ଉଦ୍‌ବେଗ ଓ ବିଷାଦର ଚିକିତ୍ସା କରୁଛନ୍ତି। ଅନେକଗୁଡ଼ିଏ ପରିସଂଖ୍ୟାନରୁ ଜଣାଯାଇଛି ପାଖାପାଖି ୨୦-୨୫ ପ୍ରତିଶତ ଲୋକ ରାଗ, ବିଷାଦ ଏବଂ ଚାପକୁ ନିୟନ୍ତ୍ରଣରେ ରଖିବା ପାଇଁ ପ୍ରାରମ୍ଭିକ ଚିକିତ୍ସା ପର୍ଯ୍ୟାୟରେ ରହୁଛନ୍ତି। ତେବେ ମାନସିକ ରୋଗୀଙ୍କ ସଂଖ୍ୟା ଏତେମାତ୍ରାରେ ବୃଦ୍ଧି ପାଇବାର କାରଣ କ'ଣ ପ୍ରକୃତରେ ଜଣା ପଡୁନଥିବା ବେଳେ ଆଶଙ୍କା କରାଯାଉଛି ଏହା ବଂଶାନୁକ୍ରମିକ ହୋଇପାରେ କିମ୍ବା ପ୍ରଦୂଷିତ ପରିବେଶ ବି ଏହାର କାରଣ ହୋଇପାରେ। ମାନସିକ ରୋଗ ବୃଦ୍ଧି ପାଇବାର ପ୍ରଧାନ କାରଣ ହେଉଛି ଚାକିରି ବୋଝ, ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଶିକ୍ଷା ଏବଂ ପ୍ରେମ ବ୍ୟାପାରକୁ ନେଇ ବିଭାଗ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଉଛି। ସୋସିଆଲ ମିଡ଼ିଆ ଫେସବୁକ୍‌କୁ ମଧ୍ୟ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧିର ଅନ୍ୟ ଏକ କାରଣ ବୋଲି ବିବେଚନା କରାଯାଇପାରେ। ନିଜର ଓଜନ କେତେ ତାହା ସେମାନେ ସେମାନଙ୍କ ଫେସବୁକ୍‌ରେ ଆଡ୍ କରିଥିବା ଫଟୋରେ କେତେ ଲାଇକ୍ ଆସୁଛି ସେଥିରୁ ଜାଣିପାରୁଛନ୍ତି। ଯଦି ଲାଇକ ଅଧିକ ଆସୁଛି ତେବେ ଏହା ସେମାନଙ୍କ ମାନସିକ ସ୍ଥିତି ଉପରେ ଖୁବ୍ ଭଲ ପ୍ରଭାବ ପକାଉଛି କିନ୍ତୁ ଲାଇକ୍ ଯଦି କମ୍ ଆସୁଛି ତେବେ କିଛି ମଣିଷ କ୍ରୋଧାନ୍ୱିତ ହୋଇଯାଉଛନ୍ତି ଏବଂ ମନେ ମନେ ଖୁବ୍ ଚିନ୍ତା କରୁଛନ୍ତି ଏବଂ ଅଯଥାରେ ଭାବି ହେଉଛନ୍ତି ସେମାନଙ୍କୁ କେହି ଖାତିର କରୁନାହାନ୍ତି। ତେବେ ସମସ୍ୟା ସେହି କ୍ଷେତ୍ରରେ ବେଶୀ ରହିବ ଯେଉଁ କ୍ଷେତ୍ରରେ ଜଣେ ଅଧିକ ପ୍ରଶଂସା ପାଇବାର ଆଶା ରଖିଥିବେ କିନ୍ତୁ ପାଉନଥିବେ। ତିନୋଟି ଦିଗରୁ ଉଦ୍‌ବେଗ ଏବଂ ବିଷାଦ ବୃଦ୍ଧି ପାଏ। ଗୋଟିଏ ବାୟୋଲୋଜିକାଲ, ଆଉ ଗୋଟିଏ ସାଇକୋଲୋଜିକାଲ ଏବଂ ଅନ୍ୟଟି ସୋସିଆଲ। ମାନସିକ ଦୃଷ୍ଟିକୋଣରୁ ଏହା ଆରମ୍ଭ ହୋଇଥାଏ ଅତ୍ୟଧିକ ଚାପ ହେତୁ। ଦିନକୁ ଦିନ ଚାପ ବୃଦ୍ଧି ପାଇଲେ ମଣିଷ ଏହାକୁ ନିୟନ୍ତ୍ରଣ ନକରିପାରି ମାନସିକ ଭାରସାମ୍ୟ ହରାଇବସେ। ଯଦି ବାୟୋଲୋଜିକାଲ ଦୃଷ୍ଟିକୋଣରୁ ବିଚାର କରାଯାଏ ତେବେ ମସ୍ତିଷ୍କରେ ଥିବା ୩ଟି ନ୍ୟୁରୋଟ୍ରାନ୍ସମିଟର ତଥା ନୋରପାଇନ୍‌ଫ୍ରାଇନ୍, ସେରୋଟୋନିନ୍ ଏବଂ ଡୋପାମାଇନ ଯଦି ସନ୍ତୁଳିତ ଉପାୟରେ କାର୍ଯ୍ୟ ନକରନ୍ତି ତେବେ ଏହା ରାଗ ଏବଂ ଚାପ ପରି ସମସ୍ୟା ସୃଷ୍ଟି କରିପାରେ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ପାଖାପାଖି ୭୦-୮୦ ପ୍ରକାରର ରୋଗ ରହିଛି। ତେବେ ମାନସିକ ରୋଗ ସଂଖ୍ୟା ସେଥିମଧ୍ୟରୁ ୩ ପ୍ରତିଶତ। ଏଥିରେ ରହିଛି ୪, ୫ଟି ଜଟିଳ ରୋଗ ସମସ୍ୟା। ଏଥିମଧ୍ୟରେ ରହିଛି ଡିମେନସିଆ, ସିଜୋଫ୍ରେନିଆ, ବାଇପୋଲର ଡିଜଅର୍ଡ଼ର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟରୁ ଏହା ମଧ୍ୟ ଜଣାଯାଇଛି ଯେ, ଭାରତରେ ୨୫ ପ୍ରତିଶତଙ୍କ କ୍ଷେତ୍ରରେ ଏହି ମାନସିକ ରୋଗ ସାରା ଜୀବନ ସମସ୍ୟା ସୃଷ୍ଟି କରେ। ଯେତେ ଚିକିତ୍ସା କରାଗଲେ ମଧ୍ୟ ତାହା ସମ୍ପୂର୍ଣ୍ଣ ଭଲ ହୁଏନା। ମହିଳା ଏବଂ ଶିଶୁଙ୍କ କ୍ଷେତ୍ରରେ ଏହିମାନସିକ ରୋଗ ଏତେ ମାରାତ୍ମକ ହୋଇଯାଉଛି ଯେ, ଏହାକୁ ସମ୍ଭାଳିବା ମନସ୍ତତ୍ତ୍ୱବିତ୍‌ଙ୍କ ପକ୍ଷରେ କଷ୍ଟକର ହୋଇଯାଉଛି। ପୁରୁଷଙ୍କ ତୁଳନାରେ ମହିଳାମାନେ ଅଧିକ ମାନସିକ ରୋଗାକ୍ରାନ୍ତ ହେଉଛନ୍ତି। ନିକଟରେ ଏକ ପରିସଂଖ୍ୟାନର ଚିତ୍ରରୁ ଯାହା ଜଣାଯାଇଛି ଦେଶରେ ମାନସିକ ରୋଗାକ୍ରାନ୍ତ ରୋଗୀଙ୍କ ପାଇଁ ୩୦,୦୦୦ ପବ୍ଲିକ ହସପିଟାଲ ବେଡ଼ ରହିଛି। ବର୍ତ୍ତମାନ ଭାରତରେ ପାଖାପାଖି ୧୨୦ ମିଲିଅନ ଲୋକ ମାନସିକ ଏବଂ ସ୍ନାୟୁ ଜନିତ ସମସ୍ୟାରେ ଛନ୍ଦି ହୋଇଯାଇଛନ୍ତି। ସାଂଘାତିକ ମାନସିକ ରୋଗରେ ଆକ୍ରାନ୍ତ ୨୪ ମିଲିଅନ ଲୋକ ସବୁ ସମୟରେ ପ୍ରଫେସନାଲ ସହାୟତା ଆବଶ୍ୟକ କରିଥାନ୍ତି। ଭାବବିହ୍ୱଳାତ୍ମକ ଲକ୍ଷଣ : ଚିଡ଼ଚିଡ଼ା ଲାଗିବା ସହ ଅତ୍ୟଧିକ ରାଗ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଏବଂ ବିଷାଦ ବାଦ କିଛି ଭାବବିହ୍ୱଳାତ୍ମକ ଲକ୍ଷଣ ବି ଏହି ମାନସିକ ରୋଗର ଏକ ଅଂଶବିଶେଷ ବୋଲି ଜାଣିବେ। ଏହିସବୁ ଲକ୍ଷଣମାନ ହେଉଛି - ଭୟ ଲାଗିବା, କୌଣସି କାମରେ ମନୋନିବେଶ ନଲାଗିବା, ଚିନ୍ତା ବଢ଼ିଯିବା, ରାଗ ବଢ଼ିଯିବା, କ୍ଲାନ୍ତ ଲାଗିବା, ବିପଦର ଲକ୍ଷଣସବୁ ଦେଖାଦେବା, ମସ୍ତିଷ୍କ ଶୂନ୍ୟ ହୋଇଯିବାପରି ଲାଗିବା। ସେହିପରି ଶାରୀରିକ ଲକ୍ଷଣ ଗୁଡ଼ିକ ହେଉଛି - ହୃତ୍‌ସ୍ପନ୍ଦନ ଅଧିକ ହେବା, ଝାଳ ବୋହିବା, ପେଟରେ ସମସ୍ୟା ଦେଖାଦେବ ଏବଂ ଅଧିକ ସମୟରେ ଘୁମ୍ ଲାଗିବା, ଅଧିକ ଥର ପରିଶ୍ରା ଲାଗିବ ଏବଂ ଡାଇରିଆ ବି ହୋଇପାରେ, ମାଂସପେଶୀରେ ଯନ୍ତ୍ରଣା ହେବା, ମୁଣ୍ଡ ବିନ୍ଧା ହେବା, ମୋଟାପଣ ବୃଦ୍ଧି ପାଇବ ଏବଂ ନିଦ ଠିକରେ ହେବନି। ବାସ୍ତବ କଥା ହେଉଛି ମାନସିକ ରୋଗ ଏକ ଜଟିଳ ରୋଗ ନିଶ୍ଚୟ। ପ୍ରାରମ୍ଭରୁ ଏହି ରୋଗକୁ କେହି ଜାଣିପାରି ନଥାନ୍ତି। ମାତ୍ର ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। କିନ୍ତୁ ପ୍ରତିରୋଗ ପାଗଳାମି ନୁହେଁ। ତେଣୁ ଠିକ୍ ସମୟରେ ଡାକ୍ତରଙ୍କ ସହିତ ପରାମର୍ଶ କରି ଔଷଧ ଖାଇଲେ ଏହି ରୋଗରୁ ନିଶ୍ଚିନ୍ତ ଉପଶମ ମିଳିବ।

**—ଡାକ୍ତର ସମ୍ରାଟ କର**
*ସହକାରୀ ପ୍ରଫେସର, ମାନସିକ ରୋଗ ବିଭାଗ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩*

## ସମ୍ବାଦ ଓ ସମାଜସେବାର ଉଜ୍ଜ୍ୱଳ ପ୍ରତିଭା ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ 'ନାରାୟଣ ସେବା ଫାଉଣ୍ଡେସନ୍' ପକ୍ଷରୁ ବରିଷ୍ଠ ସାମ୍ବାଦିକ, କେନ୍ଦ୍ର ସରକାରଙ୍କ ପୂର୍ବତନ ଉପମହାନିର୍ଦ୍ଦେଶକ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତଃ ପ୍ରଫୁଲ୍ଲ କୁମାର ତ୍ରିପାଠୀଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ସ୍ଥାନୀୟ ୟୁନିଟ୍-୩ସ୍ଥିତ ଆନନ୍ଦ ଆଶ୍ରୟ ଜରାଶ୍ରମଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଶିବନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ, ସମ୍ପାଦିକା ସମିତା ମହାରଣା ସମ୍ମାନିତ ଅତିଥି ଭାବେ, ସମ୍ପାଦକ ମଦନମୋହନ ପାଢ଼ୀ ଓ ବରିଷ୍ଠ ସାମ୍ବାଦିକ ବ୍ରଜବନ୍ଧୁ ପରିଡ଼ା ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱର୍ଗତଃ ତ୍ରିପାଠୀ ସମ୍ବାଦ ଓ ସାମ୍ବାଦିକତା ଏବଂ ସମାଜସେବାର ଜଣେ ଉଜ୍ଜ୍ୱଳ ପ୍ରତିଭା ଥିଲେ ବୋଲି ମତବ୍ୟକ୍ତ କରିବା ସହିତ ଜାମ୍ମୁ-କାଶ୍ମୀରରେ ଶାନ୍ତି ପ୍ରତିଷ୍ଠା, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ତଥା ସାମ୍ବାଦିକତାକୁ ନୂତନ ଦିଗ ପ୍ରଦାନ କରିବାକୁ ଚେଷ୍ଟିତ ଥିଲେ। ଅସହାୟ, ଅନାଥ ବ୍ୟକ୍ତିମାନଙ୍କ ପାଇଁ ଏକ ସମର୍ପିତ ପ୍ରାଣସତ୍ତା ଥିଲେ ବୋଲି ଅତିଥିମାନେ ସ୍ମୃତିଚାରଣ କରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଉଦୀୟମାନ ଯୁବ ସମାଜସେବୀ ନରେନ୍ଦ୍ର ରାଉତଙ୍କୁ ପ୍ରଫୁଲ୍ଲ କୁମାର ତ୍ରିପାଠୀ ସ୍ମୃତି ସମ୍ମାନ ୨୦୨୨ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଯୋଜନା କରି କୋଷାଧ୍ୟକ୍ଷ ଓ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ମତବ୍ୟକ୍ତ କରିଥିଲେ ଯେ ଆଜିର ଯୁବପିଢ଼ୀ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହିତ ନିଜ ନିଜ ସ୍ତରରେ ମା' ମାଟି ଓ ମାତୃଭାଷା ପାଇଁ ସମର୍ପିତ ଭାବେ କାର୍ଯ୍ୟ କରନ୍ତୁ। ଜରାଶ୍ରମରେ ଥିବା ଅନ୍ତେବାସୀଙ୍କ ପାଇଁ ୨ ମାସର ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସୀତାଂଶୁ ଶେଖର ମହାରଣା ଧନ୍ୟବାଦ ପ୍ରଦାନ କରିଥିବା ବେଳେ କାର୍ଯ୍ୟକ୍ରମକୁ ପ୍ରମୁଖ ସହାୟତା କରିଥିଲେ ସମାଜସେବୀ ପଦ୍ମଚରଣ ମହାପାତ୍ର, ନାରାୟଣ ଖୁଣ୍ଟିଆ, ପ୍ରକାଶ କୁମାର ସାହୁ ଏବଂ ପିଙ୍କିନା ପ୍ରମୁଖ।

# ଷାଠିଏ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ିଠାରୁ ବହୁ ଦୂରରେ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ଅକ୍ଟୋବର ୧୫ରୁ ଅକ୍ଟୋବର ୨୧ ପର୍ଯ୍ୟନ୍ତ ଧଳାବାଡ଼ି ସପ୍ତାହ ପାଳନ କରାଯାଇଥାଏ। ଦୃଷ୍ଟିବାଧିତ ବ୍ୟକ୍ତି ନିଜେ କିପରି ଆତ୍ମନିର୍ଭରଶୀଳ ହୋଇ ସ୍ୱଚ୍ଛନ୍ଦରେ ଧଳାବାଡ଼ି ସାହାଯ୍ୟରେ ଯାତାୟତ କରିପାରିବେ ଏ ସପ୍ତାହ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଆମ ରାଜ୍ୟରେ ପାଖାପାଖି ୬୦ ପ୍ରତିଶତ ଦୃଷ୍ଟିବାଧିତ ବ୍ୟକ୍ତି ଧଳାବାଡ଼ି ଠାରୁ ବହୁ ଦୂରରେ। ଅର୍ଥାତ୍ ଏହାକୁ ବ୍ୟବହାର କରନ୍ତି ନାହିଁ। ଯଦ୍ୱାରା ଏମାନେ ସଦାସର୍ବଦା ଅନ୍ୟ ଉପରେ ସାହାରା ହୋଇ ନିର୍ଭରଶୀଳ ହୋଇଯାଉଛନ୍ତି। ତତ୍‌ସହିତ ବିଭିନ୍ନ ପ୍ରକାରର ଅଘଟଣ ଓ ଦୁର୍ଘଟଣାର ଏମାନେ ବି ଶିକାର ହୋଇଥାନ୍ତି। ଦିନକୁ ଦିନ ଧଳାବାଡ଼ି ପ୍ରତି ବଢୁଛି ହୀନମନ୍ୟତା। ଧଳାବାଡ଼ି ବ୍ୟବହାର କଲେ କେହି ଆମକୁ ବୃଦ୍ଧ କିମ୍ବା ବୃଦ୍ଧା ଭାବିବେ ଅଥବା ଦୃଷ୍ଟିବାଧିତ ମନେ କରିବେ ବୋଲି ଧଳାବାଡ଼ିକୁ ଅନେକ ଦୃଷ୍ଟିବାଧିତ ବ୍ୟକ୍ତି ବା ବିଦ୍ୟାର୍ଥୀମାନେ ବ୍ୟବହାର କରୁନାହାଁନ୍ତି ବୋଲି ବିଚ୍ଛନ୍ଦ ଟ୍ରଷ୍ଟ ଅଫ୍ ୱେଲ୍‌ଫେୟାର, ଭୁବନେଶ୍ୱର ପକ୍ଷରୁ ବାରଙ୍ଗସ୍ଥିତ କନକଦୁର୍ଗା ମନ୍ଦିର ପରିସର ମଧ୍ୟରେ ଆୟୋଜିତ ବିଶ୍ୱ ଧଳାବାଡ଼ି ସପ୍ତାହ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଟ୍ରଷ୍ଟ ପକ୍ଷରୁ ବାରଙ୍ଗ ଉପକଣ୍ଠରେ ଦାରିଦ୍ର୍ୟ ସୀମାରେଖା ତଳେ ରହୁଥିବା ଦୃଷ୍ଟିବାଧିତ ବ୍ୟକ୍ତି ଓ ବିଦ୍ୟାର୍ଥୀଙ୍କୁ ଏହି ଅବସରରେ ମାଗଣାରେ ଧଳାବାଡ଼ି ପ୍ରଦାନ କରାଯାଇଥିଲା। ଧଳାବାଡ଼ିର ବ୍ୟବହାର ନିମନ୍ତେ ଦୃଷ୍ଟିବାଧିତ ମାନଙ୍କୁ ପ୍ରଶିକ୍ଷଣ ନେବାକୁ ପଡ଼ିଥାଏ। କିନ୍ତୁ ଆମ ରାଜ୍ୟରେ ଏ ନେଇ ଓରିଏଣ୍ଟେସନ୍ ଆଣ୍ଡ ମୋବିଲିଟି ଟ୍ରେନିଂ ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଆକସ୍ମିକ ଭବେ କୌଣସି ଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କର ଯଦି ଦୃଷ୍ଟିଶକ୍ତି ଚାଲିଯାଏ ତେବେ ଏହି ଟ୍ରେନିଂ ନେବା ପାଇଁ ଜାତୀୟ ଦୃଷ୍ଟିବାଧିତ ଅନୁଷ୍ଠାନ (ଏନ୍‌ଏବି) ମୁମ୍ବାଇକୁ ଯିବାକୁ ପଡ଼ିଥାଏ ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ଓ ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ୍ ତ୍ରିଲୋଚନ ବେଉରା ଏହି ଅବସରରେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସାମାଜିକ କର୍ମୀ ଦୀପକ ରଞ୍ଜନ ସ୍ୱାଇଁ, ମନୋଜ ସ୍ୱାଇଁ, ପ୍ରବୀଣ ପ୍ରଧାନ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଦୃଷ୍ଟିବାଧିତ ବିଦ୍ୟାର୍ଥୀଙ୍କୁ ଧଳାବାଡ଼ି ବଣ୍ଟନ କରିଥିଲେ। ଟ୍ରଷ୍ଟର ଚେୟାରମ୍ୟାନ୍ ପ୍ରକାଶ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବାରଙ୍ଗ ବ୍ଲକର ଇଭି ଚାରୁଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG, U.KG, Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅକ୍ଷୟ ତୃତୀୟା ଦିବସକୁ ନିଆରା ଢଙ୍ଗରେ ପାଳନ



ଭୁବନେଶ୍ୱର,(ପି.ଏନ) : ଭୁବନେଶ୍ୱର ନୂଆଗାଁ ପେଟ୍ରୋଲ ପମ୍ପ ନିକଟରେ ସୋମବାର ଦିନ ପବ୍ଲିକ ରାଇଟ ଆସୋସିଏସନ୍ ଓ କଲ୍ୟାଣୀ ପବ୍ଲିକ ସ୍କୁଲ ମିଳିତ ଆନୁକୁଲ୍ୟରେ ଆସୋସିଏସନ୍ ସଭାନେତ୍ରୀ ଶ୍ରୀମତୀ ଜ୍ୟୋତିର୍ମୟୀ ପଣ୍ଡା , କଲ୍ୟାଣୀ ପବ୍ଲିକ ସ୍କୁଲର ଅଧକ୍ଷା ଶ୍ରୀମତୀ କଲ୍ୟାଣୀ ବାରିକଙ୍କ ମିଳିତ ତତ୍ତ୍ୱାବଧାନରେ ପବିତ୍ର ଅକ୍ଷୟ ତୃତୀୟା ଦିବସ ଟିକୁ ଜନମନସରେ ଉଜ୍ଜବିତ ରଖିବା ଓ ଦିବସର ମହତ୍ତ୍ୱ ତତ୍ତ୍ୱକୁ ପ୍ରଚାର ପ୍ରସାର ଲକ୍ଷ୍ୟ ନେଇ ପଥଚାରୀମାନଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ଆସୋସିଏସନ୍ ଭୁବନେଶ୍ୱର ସଭାନେତ୍ରୀ ଶ୍ରୀମତୀ ପଙ୍କଜିନି ବେହୁରା, ଖୋର୍ଦ୍ଧା ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ଶ୍ରଦ୍ଧାଞ୍ଜଳି ଦାସ, ଅଶ୍ୱିନୀ ସ୍ୱାଇଁ, ପ୍ରକାଶ ବେହେରା ଏବଂ ଅଜୟ ଖୁଣ୍ଟିଆ , ପ୍ରକୃତିବନ୍ଧୁ ଦିନବନ୍ଧୁ ଭୋଇ, ସାମ୍ବାଦିକ ସରୋଜ ନାୟକ । ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ରବି ମହାରଣା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପଶୁପ୍ରେମୀ ପ୍ରଦୀପ ଦାସ, ସାମ୍ବାଦିକ ସତ୍ୟ ପ୍ରକାଶ ଦାସ, ସାମ୍ବାଦିକ ରଞ୍ଜିତ ପରିଡ଼ା । ପବ୍ଲିକ ସ୍କୁଲ ଶିକ୍ଷୟତ୍ରୀ ବନାନୀ କର୍ମକାର, ଅନିତା ଦେବୀ, ସୌମ୍ୟା ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳିତ କରିଥିଲେ ।

# କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ

କନ୍ଧମାଳ, (ପି.ଏନ): କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ ଆଜି ଅଧ୍ୟକ୍ଷ ରୋଦନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରୋଦନ ମଲ୍ଲିକ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଲକ୍ଷ୍ଯ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ ଥିଲେ। ଏହି ବୈଠରେ କନ୍ଧମାଳ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ଚଳିତ ଆର୍ଥିକ ବର୍ଷରେ କଣ କଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ତାହା ଉପରେ ଆଲୋଚନା କରିଥିଲେ। ଯୋଜନାର ସବିଶେଷ ବିବରଣୀ ଆଟିଡିଏ ର ପ୍ରକଳ୍ପ ପ୍ରଶାସକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୋଡାଲ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥାପନା କରି ସାଂସ୍କୃତିକ ଗୃହ, ଜନଜାତି ହାଟ, ଦେବସ୍ଥଳୀର ବିକାଶ, ଜିଲ୍ଲା ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା, ଜିଲ୍ଲାର ଖେଳକୁଦର ବିକାଶ, ଦକ୍ଷତା ବିକାଶ ତାଲିମ, ପ୍ରତ୍ୟେକ ବ୍ଲକରେ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିଯୁକ୍ତି ଆଦି ଅନେକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।ସେହିଭଳି ବାଲିଗୁଡା ଆଟିଡିଏର ପ୍ରକଳ୍ପ ପ୍ରଶାସକ୧୨ ଗୋଟି ବ୍ଲକରୁ ଆସିଥିବା ବ୍ଲକ ମଙ୍ଗଳ ସଂପ୍ରସାର ଅଧିକାରୀ। ସମସ୍ତ କାଉନସିଲ ମେମ୍ବର ଯୋଗଦେଇ ନିଜ ନିଜର ମତାମତ ଦେଇଥିଲେ। ଶେଷରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ନଳିନୀ କଂହର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଆଇଟିଡିଏର ବଳଭଦ୍ର ଯାନୀ, ସତ୍ୟ ପ୍ରଧାନ, କୈଳାଶ ସାହୁ, ଦିବ୍ୟ ପଟ୍ଟନାୟକ, ବୈଦ୍ୟନାଥ ଖଟୁଆ ପରିଚାଳନାରେ ସହଯୋଗ କରିଥିଲେ।

## ଦୁଇ ଟ୍ରକ ସାମ୍ନା ସାମନି ଧକ୍କା : ଜଣେ ଡ୍ରାଇଭର ମୃତ

ଚମ୍ପୁଆ, (ପି.ଏନ): ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ନିକଟରେ ଦୁଇ ଟ୍ରକ ସାମ୍ନା ସାମନି ଧକ୍କା ହେବା ଫଳରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବାବେଳେ ଦୁଇ ବାଇକ ଆରୋହୀ ଆହତ ହୋଇଥିବା ଜଣାପଡିଛି । ସୂଚନା ଅନୁଯାୟୀ, ରିମୁଳି ପଟୁ ଲୁହାପଥର ବୋଝେଇ କରି ଚମ୍ପୁଆ ଆଡ଼କୁ ଆସୁଥିବା ଏକ ଟ୍ରକ୍ ଚମ୍ପୁଆ ଆଡୁ ରିମୁଳି ପଟକୁ ଯାଉଥିବା ଟ୍ରକକୁ ରଜିଆ ନିକଟରେ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଜଣେ ଡ୍ରାଇଭର ଗୁରୁତର ଆହତ ହୋଇ ଟ୍ରକ୍ ଭିତରେ ଚାପି ହୋଇ ରହିଥିଲେ । ଖବର ପାଇ ପୋଲିସ ଓ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଂଚି ଆହତ ଡ୍ରାଇଭରକୁ ଗାଡ଼ି ଭିତରୁ ଉଦ୍ଧାର କରିଥିଲେ।

# ଅପ୍ରେଲ ୨୫ରୁ ୧୧ତମ ମହାନଗର ମହୋତ୍ସବ

ବ୍ରହ୍ମପୁର, (ପି.ଏନ): ସ୍ଥାନୀୟ ଖଲ୍ଲିକୋଟ କଲେଜ ଖେଳ ପଡ଼ିଆ ପରିସରରେ ଆରମ୍ଭ ହେବାକୁ ଯାଉଛି ୧୧ ତମ ମହାନଗର ମହୋତ୍ସବ। ଏହି ପରିପ୍ରେକ୍ଷୀରେ ସୋମବାର ଦିନ ମହାନଗର ମହୋତ୍ସବ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସଭାପତି ନାରାୟଣ ମହାଙ୍କୁଡ଼ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ରବି ନାରାୟଣ ବେହେରା, ବରିଷ୍ଠ ସାମ୍ବାଦିକ ଡ଼. ଜଗନମୋହନ ମହାପାତ୍ର, ହେମାଙ୍ଗ ରାଉଳ, ମହାନଗର ମହୋତ୍ସବ କମିଟି ସମ୍ପାଦକ ଗୋପାଳ ପଟ୍ଟନାୟକ, ସହ ସମ୍ପାଦକ ସତ୍ୟ ଚେତନ ପରିଡ଼ା, ଉପଦେଷ୍ଟା ଅଶୋକ ବ୍ରହ୍ମା, ଉପସଭାପତି ଅନିଲ ପାତ୍ର, ମିହିର ତ୍ରିପାଠୀ, ମହାନଗର ମହୋତ୍ସବର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଦୀପ ସାହୁ ପ୍ରମୁଖ ମଂଚାସୀନ ଥିବାବେଳେ ଚଳିତ ମାସ ଅପ୍ରେଲ ୨୫ ତାରିଖ ଠାରୁ ମଇ ୫ ତାରିଖ ପର୍ଯ୍ୟନ୍ତ ୧୧ ଦିନ ବ୍ୟାପି ଏହି ମହାନଗର ମହୋତ୍ସବ ଆୟୋଜନ ହେବା ପାଇଁ ସ୍ଥିର କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ସମ୍ପାଦକ ଗୋପାଳ ପଟ୍ଟନାୟକ। ମହୋତ୍ସବରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ପଦାଧିକାରୀ, ସାମାଜିକ କର୍ମୀ, ସାମ୍ବାଦିକ, କଳାକାର, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନଙ୍କ ଉପସ୍ଥିତିରେ ପ୍ରତିଦିନ ଏକ ଆଲୋଚନାଚକ୍ର ଆୟୋଜନ କରାଯିବା ସହ ବିଭିନ୍ନ କଳାକାର ଅନୁଷ୍ଠାନ ତରଫରୁ ସାଂସ୍କୃତିକ ଓ ଆଧୁନିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ନେଇ ସ୍ଥିର କରାଯାଇଛି । ଦୈନନ୍ଦିନ ସ୍ଥାନୀୟ ପ୍ରତିଭାମାନଙ୍କର ଦ୍ୱାରା ନୃତ୍ୟ, ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି ।ଏହି ମହୋତ୍ସବର ସୁପରିଚାଳନା ସକାଶେ ଜିଲ୍ଲା ପ୍ରଶାସନ, ଆରକ୍ଷୀ ବିଭାଗ, ଦମକଳ ବାହିନୀ, ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ତଥା ବ୍ରହ୍ମପୁର ମହାନଗର ନିଗମର ସାହାଯ୍ୟ ସହଯୋଗ ପାଇଁ ଅନୁମତି ଲୋଡ଼ାଯାଇଛି । ମହୋତ୍ସବର ଅନ୍ୟତମ ଆକର୍ଷଣ ହେଉଛି ବିଭିନ୍ନ ବିଭାଗ ତଥା ବ୍ୟବସାୟୀକ ପ୍ରତିଷ୍ଠାନ ତରଫରୁ ପ୍ରାୟ ୧୨୦ରୁ ଉର୍ଦ୍ଧ୍ୱ ଷ୍ଟଲ୍ କରାଯିବ । ଯେଉଁଥିରେ ରାଜ୍ୟ ଓ ରାଜ୍ୟ ବାହାରର ହସ୍ତତନ୍ତ, କୁଟୀର ଶିଳ୍ପ ଓ ସାମଗ୍ରୀର ପ୍ରଦର୍ଶନୀ ଏବଂ ବିକ୍ରୟର ବ୍ୟବସ୍ଥା ସହ ଗୃହିଣୀ ମାନଙ୍କ ବହୁ ଉପଯୋଗୀ ତଥା ବ୍ୟବହାରିକ ଘରୋଇ ସାମଗ୍ରୀ ଏହି ଷ୍ଟଲ୍ ମାନଙ୍କରେ ପ୍ରଦର୍ଶିତ ହେବାର ଆୟୋଜନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ଦାସ, ଅନନ୍ତ ପ୍ରଧାନ ଓ ଶଙ୍କର ଗୋସ୍ୱାମୀ, ଲୀଙ୍କୁ ଡାକୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ସୋରିଆସିସ୍ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, (ପି.ଏନ): ବ୍ରହ୍ମପୁର ହରିହର ନଗର ପ୍ରଥମ ସାରଣୀ ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ସୋରିଆସିସ୍ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ସୋରିଆସିସ୍ ରୋଗ ସମ୍ବନ୍ଧରେ ସଚେତନ କରିଥିଲେ। ବର୍ତମାନ ଯୁବକଙ୍କ ଠାରୁ ବୃଦ୍ଧ ଯାଏଁ ଏକ ଚିରସ୍ଥାୟୀ ଚର୍ମ ରୋଗ ସଂକ୍ରମଣ ହେଉଛି। ପ୍ରଥମେ ସନ୍ଧି ସ୍ଥାନ ଅଙ୍ଗୁଳିରେ ଯାଦୁ ପରି ଚକା ଚକା ହେଉଛି, ପ୍ରବଳ କୁଣ୍ଢାଇ ହେଉଛି, ଔଷଧ ଲଗାଇଲେ ସେହି ସ୍ଥାନ ଛାଡି ତା ଚାରିପାଖ ବଢୁଛି, ଯେକୌଣସି ଔଷଧ ଖାଇଲେ ଲଗାଇଲେ କମୁଛି କିନ୍ତୁ ଦୁଇଦିନ ଛାଡି ଦେଲେ ପୁଣି ବଢୁଛି। ଏଲୋପାଥିକ ଔଷଧ ନିର୍ଦ୍ଧାରିତ ସମୟ ଠାରୁ ଅଧିକ ଦିନ ଖାଇଲେ, ଅରୁଚି ଭ୍ରମ, ଅମ୍ଳପିତ ହେଉଛି ତେଣୁ ଏହାର ପ୍ରାକୃତିକ ଚିକିତ୍ସା କରନ୍ତୁ। ରସ ମାଣିକ୍ୟ, ବାକୁଚି ଚୂର୍ଣ୍ଣ କିଛିଦିନ ରୋଗ ବଳ ଅନୁସାରେ ଡାକ୍ତରଙ୍କ ପରାମର୍ଶରେ ଖାଇଲେ, ଚିତାପାରୁ ମୂଳ ଓ ଜଡାମଞ୍ଜି ଲଗାଇଲେ କମୁଛି। ଏହା ଦୀର୍ଘ ଦିନ ଖାଇବାକୁ ଡା. ସାହୁ ପରାମର୍ଶ ଦେଇଥିଲେ। ମିଠା, ଖଟା, କଫ କାରକ ଖାଦ୍ୟ, ମାନସିକ ଚାପ ଛାଡିବା ଉଚିତ। ଲୁଗା ସଫା ରଖିବେ। ନିୟମିତ ଔଷଧ ଖାଇବେ, ଅବହେଳା କଲେ ସାରା ଶରୀର ବିକୃତ ଚର୍ମ ହୋଇଯାଉଛି। କୁଣ୍ଡାଇଲେ ଧଳା ଚର୍ମ ବାହାରୁଛି।ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଶିବିରର ପରିଚାଳନାରେ ଡି. ଶ୍ରୀନିବାସ ରାଓ, ଗଣେଶ ପ୍ରସାଦ ପରିଚ୍ଛା ଓ ମନ୍ଦିର କମିଟି ସଭ୍ୟ ସଭ୍ୟା ସହଯୋଗ କରିଥିଲେ। ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ। ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି।

# ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା

ଧର୍ମଶାଳା, (ପି.ଏନ): ହନୁମାନ ଜୟନ୍ତୀ ସମ୍ବଲପୁର ଠାରେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିଲା । ମୁସଲମାନ ଅତିବାଦୀ ମାନଙ୍କ ଦ୍ୱାରା ହିନ୍ଦୁ ସମାଜ ଉପରେ ବର୍ବରୋଚିତ ଆକ୍ରମଣ କରାଯାଇଥିଲା । ଶାନ୍ତିପୂର୍ଣ୍ଣ ବାଇକ ଶୋଭାଯାତ୍ରାରେ ମୁଦଲମାନଙ୍କ ଦ୍ୱାରା ଅଚାନକ ଆକ୍ରମଣ କରାଯାଇଥିଲା । ଏହି ଘଟଣାରେ ଅନେକ ଆହତ ହୋଇଥିବା ସହ ସେମାନଙ୍କ ବାଇକକୁ ପୋଡି ଦିଆଯାଇଥିବା ବେଳେ ଜଣେ ମୃତ୍ୟୁ ବରଣ କରିଥିଲେ । ଯାହାକି ପରିସ୍ଥିତି ଅଣାୟତ ହୋଇପଡିଥିଲା । ତେବେ ଏହି ଘଟଣାକୁ ନେଇ ହିନ୍ଦୁ ସମାଜ ସୁରକ୍ଷା ଓ ନ୍ୟାୟ ଦାବି କରିଛି । ଏହି ଘଟଣାରେ ସୁରକ୍ଷା କର୍ମୀ ତଥା ଗୁପ୍ତଚର ସଂସ୍ଥା ନିଜର କର୍ତବ୍ୟ ସମ୍ପାଦନ କରିବାରେ ବିଫଳ ହୋଇଛି । ଯାହାକୁ ନେଇ ଆଜି ରାଜ୍ୟରେ ସମସ୍ତ ବ୍ଲକ କାର୍ଯ୍ୟାଳୟ ଆଗରେ ହିନ୍ଦୁ ସମାଜ ପକ୍ଷରୁ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି । ଏହି କ୍ରମରେ ଆଜି ସକାଳ ୯ଟାରୁ ଅପରାହ୍ନ ୧୧ଟା ପର୍ଯ୍ୟନ୍ତ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଧର୍ମଶାଳା ପ୍ରଖଣ୍ଡ ପକ୍ଷରୁ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଆଗରେ ଶତାଧିକ ହିନ୍ଦୁ ଭାଇଭଉଣୀମାନେ ଏହାର ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଛନ୍ତି । ଏହି ଘଟଣାର ପ୍ରଶାସନ ଅନୁଧାନ କରିବା, ରାଜ୍ୟର ବିଭିନ୍ନ ସ୍ଥାନରେ ସକ୍ରିୟ ମୁସଲମାନମାନଙ୍କ ମଧ୍ୟରେ କାର୍ଯ୍ୟରତ ଅତିବାଦୀମାନଙ୍କୁ ଦୃଢ ହସ୍ତରେ ଦମନ କରିବା, ଷଡଯନ୍ତ୍ରକାରୀ ମାନଙ୍କୁ ଚିହ୍ନଟ କରି ନିରୀହ ହିନ୍ଦୁ ସମାଜ ଉପରେ ଆକ୍ରମଣ କରିଥିବା ଅପରାଧୀମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବା, ରାଜ୍ୟର ସମ୍ବେଦନଶୀଳ ଅଂଚଳ ଗୁଡିକରେ ପ୍ରତିଷେଧାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ । ପ୍ରତିବାଦ ସଭା ପରେ ଏକ ଦାବି ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବିଜେପି ପକ୍ଷରୁ ନୈତିକ ସମର୍ଥନ ଦିଆଯାଇଥିଲା । ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଧର୍ମଶାଳା ପ୍ରଖଣ୍ଡର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ଜେନା, ବିଶ୍ୱହିନ୍ଦୁ ପରିଷଦର ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ବଜରଙ୍ଗ ଦଳ ପ୍ରଖଣ୍ଡ ସହ-ସଂଯୋଜକ ରଞ୍ଜନ ଅଧିକାରୀ ଓ ନରୋତମ ନାୟକ, ତପନ ଜେନା, ଆଶିଷ ମଲ୍ଲିକ, ଡମ୍ବରୁ କଦମ, ଭାସ୍କର ବେହେରା, ସୁଶାନ୍ତ ମଲ୍ଲିକ, ପ୍ରଭାତ ଓଝା, ଆରଏସଏସର ସଭ୍ୟ ଗୋପାଳ କୃଷ୍ଣ ସାହୁ, ମାନସ ମଲ୍ଲିକ, ବିଶ୍ୱ ହିନ୍ଦୁ ପରିଷଦର ମାର୍ଗଦର୍ଶକ ମଣ୍ଡଳୀର କାହ୍ନୁବାବା, ରାଘବ ବାବା, ଅରଣୀ ଚନ୍ଦ୍ର ମିଶ୍ର, ଗୋଲକ ବାବା ପ୍ରମୁଖ ଆଶ୍ରୀବଚନ ପ୍ରଦାନ କରିଥିଲେ । ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ଧର୍ମଶାଳା ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକଉତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday April 25, 2023 ଭୁବନେଶ୍ୱର ମଙ୍ଗଳବାର, ଅପ୍ରେଲ ୨୫,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ମାର୍ଜିତ ଜୀବନଶୈଳୀ ଅନ୍ତ୍ର ସମସ୍ୟାକୁ ରୋକିପାରିବ: କିମ୍ସ ବିଶେଷଜ୍ଞ



ଭୁବନେଶ୍ୱର,(ପି.ଏନ): ତଳିପେଟରେ ଯନ୍ତ୍ରଣା, ପେଟ ଫୁଲିବା, ବାରମ୍ବାର ଝାଡ଼ାରେ ପରିବର୍ତ୍ତନ ହେଉଥିଲେ ସାଧାରଣତଃ ଏହା ଅନ୍ତ୍ର ସମସ୍ୟା (ଇରିଟେବଲ୍ ବାଉଲ୍ ସିଣ୍ଡ୍ରୋମ୍ ବା ଇବିସି) ବୋଲି ଡାକ୍ତରମାନେ କହିଥାନ୍ତି। ଏହି ସମସ୍ୟା କ୍ରମାଗତ ଲାଗି ରହିଲେ ଏହା ଏକ ପୁରାତନ ରୋଗରେ ପରିଣତ ହୋଇଥାଏ। ଡାକ୍ତରଙ୍କ ପରାମର୍ଶ କ୍ରମେ ପରିମାର୍ଜିତ ଜୀବନଶୈଳୀ ଆପଣାଇଲେ ଏହି ସମସ୍ୟା ଦୂର ହୋଇପାରିବ ବୋଲି କିମ୍ସ-ଭୁବନେଶ୍ୱରର ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି ବିଶେଷଜ୍ଞ ଡା. ପ୍ରିତମ୍ ନାଥ ପ୍ରକାଶ କରିଛନ୍ତି। ଲାଳଯୁକ୍ତ ମଳ, ଝାଡ଼ା ପରେ ପେଟରେ ଆଉ କିଛି ମଳ ରହିବା ଭଳି ଅନୁଭବ ହେବା ଆଦି ଏହି ରୋଗର ଲକ୍ଷଣ। ଅନ୍ତ୍ରରେ ଅତ୍ୟଧିକ ସମ୍ବେଦନଶୀଳତା, ମାନସିକ ବିସାଦ ଓ ଅନ୍ତ୍ରରେ ଜୀବାଣୁ ଆଦି ଜଟିଳ ଓ ବହୁକ୍ରିୟାତ୍ମକ ବିକାର ରହିଲେ ଏହି ରୋଗ ହୋଇଥାଏ ବୋଲି ବିଶେଷଜ୍ଞମାନେ ମତ ଦେଇଥାନ୍ତି। ଏହା ଏକ ସାଧାରଣ ସମସ୍ୟା ହୋଇଥିଲେ ମଧ୍ୟ ୧୦ରୁ ୧୫ ପ୍ରତିଶତ ପ୍ରାପ୍ତବୟସ୍କଙ୍କଠାରେ ଏଭଳି ଲକ୍ଷଣ ଦେଖାଦେଇଥାଏ। ପ୍ରାଥମିକସ୍ତରରେ ଡାକ୍ତରମାନେ ଏହାର ଉପଚାର କରିପାରିଥାନ୍ତି। ଏହାର ପ୍ରକୋପ ଅଧିକ ହେଲେ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜିଷ୍ଟଙ୍କ ପରାମର୍ଶ ନେବାକୁ ପଡ଼ିଥାଏ। କିମ୍ସ-ଭୁବନେଶ୍ୱରରେ ଥିବା ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ ହେପାଟୋଲୋଜି ବିଭାଗ ଏବେ ଏହାର ଅତ୍ୟାଧୁନିକ ଚିକିତ୍ସା ପ୍ରଦାନ କରିବାରେ ସଫଳ ହେଇଛି। ଏହି ରୋଗ ସାଧାରଣ ତିନି ଲକ୍ଷଣଯୁକ୍ତ ହୋଇଥାଏ। ପ୍ରଥମତଃ କୋଷ୍ଠକାଠିନ୍ୟ-ଯୁକ୍ତ, ଦ୍ୱିତୀୟରେ ତରଳଝାଡ଼ା-ଯୁକ୍ତ ଓ ତୃତୀୟରେ ଉଭୟ କୋଷ୍ଠକାଠିନ୍ୟ ଓ ତରଳଝାଡ଼ାର ମିଶ୍ରିତ ରହିଥିବା ଲକ୍ଷଣ। ଜଣେ ରୋଗୀଙ୍କଠାରେ ମଧ୍ୟ ଏହି ତିନୋଟିଯାକ ଲକ୍ଷଣ ଦେଖା ଦେଇପାରେ।ସୁସ୍ଥ ଜୀବନଶୈଳୀ ଆପଣାଇ ପାରିଲେ ଏହି ରୋଗରୁ ମୁକ୍ତି ମିଳିବାର ଯଥେଷ୍ଟ ସମ୍ଭାବନା ଥାଏ। ଯେଉଁ ଖାଦ୍ୟ ଦ୍ୱାରା ଏହି ସମସ୍ୟା ସୃଷ୍ଟି ହୋଇଥାଏ, ସେହିସବୁ ଖାଦ୍ୟଠାରୁ ଦୂରେଇ ରହିବା ଓ ନିୟମିତ ବ୍ୟାୟାମ କରିବା ଦ୍ୱାରା ଏହି ସମସ୍ୟାରୁ ମୁକ୍ତି ମିଳିଥାଏ ବୋଲି ଡା. ନାଥ ପରାମର୍ଶ ଦେଇଛନ୍ତି। ଖାଦ୍ୟରେ ଘରୋଇ ଖାଦ୍ୟ ଖାଇବା, ଅତ୍ୟଧିକ ତେଲ ଓ ମସଲାଯୁକ୍ତ ଖାଦ୍ୟ ତଥା ପ୍ରକ୍ରିୟାକରଣ ଖାଦ୍ୟଠାରୁ ଦୂରେଇ ରହିବା ସହ ସମୟକୁ ସମୟ ଖାଦ୍ୟ ଗ୍ରହଣ କରିବା ଉଚିତ। ଖାଦ୍ୟ ଖାଇବା ସମୟରେ ଧୀରେଧୀରେ ଖାଇବା, ଉପଯୁକ୍ତ ପରିମାଣରେ ପାଣି ପିଇବା, ନିୟମିତ ଶାରୀରିକ ବ୍ୟାୟାମ ତଥା ପ୍ରାଣାୟାମ, ମାନସିକ ଶାନ୍ତି ପାଇଁ ଧ୍ୟାନ ଆଦି କଲେ ଏହି ସମସ୍ୟାର ନିୟନ୍ତ୍ରଣ ହୋଇଥାଏ। ଚା ପିଇବାରେ ନିୟନ୍ତ୍ରଣ ଆଣିବା (ଦିନକୁ ତିନିଥରରୁ ଅଧିକ ନୁହେଁ), ମଦ୍ୟ, ଗ୍ୟାସ୍‌ଯୁକ୍ତ ଥଣ୍ଡା ପାନୀୟ ଓ ତମାଖୁ ଆଦି ନିହାତି ବର୍ଜନ କରିବା ଜରୁରି। ସେଓ, ଆପ୍ରିକଟ, ବ୍ଲାକ୍‌ବେରୀ, ଡବାରେ ଥିବା ଫଳ, ଖଜୁରୀ ଓ ଡ୍ରାଏଫ୍ରୁଟ୍ ଆଦି ନ ଖାଇ କଦଳୀ, ମସ୍କମେଲନ, ଅଙ୍ଗୁର, କ୍ୱିୱି, ଲେମ୍ବୁ, କମଳା ଓ ସପୁରୀ ଆଦି ଖିଆଯାଇପାରିବ। ସେହିପରି ପନିପରିବା ମଧ୍ୟରେ ଗାଜର, ବନ୍ଧାକୋବି, ମକା, କାକୁଡ଼ି ଓ ବିନ୍ ଆଦି ଖାଇ ପାରିବେ। ଯେଉଁମାନଙ୍କ ଶରୀରରେ ଲାକ୍ଟୋଜଯୁକ୍ତ ଖାଦ୍ୟ ହଜମ ହୁଏ ନାହିଁ ସେମାନେ ଲାକ୍ଟୋଜ-ଫ୍ରି (ଶର୍କରାମୁକ୍ତ) କ୍ଷୀର ଓ ଦୁଗ୍ଧଜାତ ଉତ୍ପାଦ ମଧ୍ୟ ଖାଦ୍ୟ ଭାବେ ଗ୍ରହଣ କରିପାରିବେ ବୋଲି ଡା ନାଥ କହିଛନ୍ତି।

## ପାରାଦୀପ ବାର୍ ଆସୋସିଏସନ୍ କାର୍ଯ୍ୟକାରିଣୀ କମିଟି ବୈଠକ

ପାରାଦୀପ,(ପି.ଏନ): ପାରାଦୀପ ବାର୍ ଆସୋସିଏସନ୍‌ର କାର୍ଯ୍ୟକାରିଣୀ ବୈଠକ ସଭାପତି ହେମନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୮ ତାରିଖ ଶୁକ୍ରବାର ଦିନ ଉତ୍କଳ ଗୌରବନ ବାରିଷ୍ଟର ମଧୁସୂଦନ ଦାସଙ୍କ ଜନ୍ମ ଦିବସ ତଥା ଆଇନ୍‌ଜୀବୀ ଦିବସ ପାଳନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ ସାଧାରଣ ସମ୍ପାଦକ ତପନ କୁମାର ଦାଶ। ପାରାଦୀପ ବାର ଆସୋସିଏସନ୍‌ର ସଦସ୍ୟ ଦେବବ୍ରତ ସାହୁ ସଂଘ ବିରୋଧୀ ଆଚରଣ କରିବା ସହିତ ସଂଘ ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେଇଥିବା ନେଇ ଆଲୋଚନା ହୋଇଥିଲା । କାର୍ଯ୍ୟକାରିଣୀ କମିଟି ଶ୍ରୀ ସାହୁଙ୍କ ଏଭଳି ଆଚରଣ ପାଇଁ ସଂଘରୁ ବହିଷ୍କାର କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ପାରିତ ହୋଇଥିଲା । ଆସନ୍ତା ୨୮ ତାରିଖ ଦିନ ହେବାକୁ ଥିବା ଆଇନ୍‌ଜୀବୀ ଦିବସ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଉପସଭାପତି କୈଳାସ ଚନ୍ଦ୍ର ସାହୁ,ସମ୍ପାଦକ ରବିନ୍ଦ୍ର କୁମାର ଜେନା ପ୍ରମୁଖ ନିବେଦନ କରିଥିଲେ । ଏହି ବୈଠକରେ ପାରାଦୀପ ବାର୍ ଆସୋସିଏସନ୍‌ର କର୍ମକର୍ତ୍ତା ଓ କାର୍ଯ୍ୟକାରିଣୀ କମିଟିର ସହସ୍ୟମାନେ ଉପସ୍ଥିତ ଥିଲେ।

## ରେଳ ବୋର୍ଡ ସଦସ୍ୟ ଶ୍ରୀ ରୂପ ନାରାୟଣ ସୁନକର ପୂର୍ବତଟ ରେଳପଥ ଅଧିକାରୀମାନଙ୍କ ସହିତ ରେଳପଥର ମୁଖ୍ୟାଳୟ ଭୁବନେଶ୍ୱର ଠାରେ ରେଳ ଭିତ୍ତିଭୂମି କାର୍ଯ୍ୟ ସମ୍ବନ୍ଧରେ ସମୀକ୍ଷା କରିଛନ୍ତି



ଭୁବନେଶ୍ୱର,(ପି.ଏନ): ଉଭୟ ପଣ୍ୟ ପରିବହନ ଓ ଯାତ୍ରୀ ପରିବହନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଶ୍ରୀ ସୁନକର କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିଭିନ୍ନ ସଂସ୍ଥା ସହିତ ଏବଂ ସହଭାଗୀ ଯଥା ଶିକ୍ଷ, ବନ୍ଦର ଏବଂ କର୍ପୋରେଟ୍ ସଂସ୍ଥା ପରି ହିତାଧିକାରୀଙ୍କ ମଧ୍ୟରେ ମିଳିତ ସହଯୋଗ ଏବଂ ପାରସ୍ପରିକ ବୁଝାମଣା ଉପରେ ଗୁରୁତ୍ୱାରୋପ କରିଥିଲେ ଯାହାକି ବିଭିନ୍ନ ସହଭାଗୀ ଏବଂ ରେଳବାଇକୁ ଉପକୃତ କରିପାରିବ । ବିଶ୍ୱ ସ୍ତରର ଭିତ୍ତିଭୂମି ଏବଂ ସୁବିଧା ସହିତ ପୁରୀ ଏବଂ କଟକ ଷ୍ଟେସନର ପୁନଃବିକାଶ ପାଇଁ ଚାଲୁରହିଥିବା କାର୍ଯ୍ୟଗୁଡ଼ିକୁ ଶ୍ରୀ ସୁନକର ସମୀକ୍ଷା କରିଥିଲେ ଏବଂ ପ୍ରକଳ୍ପ କାର୍ଯ୍ୟକୁ ଏକ ଆଦର୍ଶ ଓ ଆକର୍ଷଣୀୟ କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାଧାରଣ ଜନତାଙ୍କ ସହିତ ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କ ଆରାମ ପାଇଁ ଏହି ପ୍ରସ୍ତାବିତ ବିଶ୍ୱସ୍ତରୀୟ ଷ୍ଟେସନ ଗୁଡିକରେ ଯାତ୍ରୀ ସୁବିଧା ଓ ପରିସେବା ଯୋଗାଇଦେବା ପାଇଁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ପ୍ରକଳ୍ପର ଶୀଘ୍ର ସମାପ୍ତି ସହିତ ବିଶେଷକରି ଯାତ୍ରୀ କେନ୍ଦ୍ରିକ ସୁବିଧାଗୁଡ଼ିକ ପାଇଁ ଧ୍ୟାନ ଦେବାକୁ ଶ୍ରୀ ସୁନକର ଅଧିକାରୀମାନଙ୍କୁ କହିଛନ୍ତି ।ଓଡ଼ିଶାରେ ଚାଲୁରହିଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସହିତ ଏହି ଅଞ୍ଚଳର ରେଳ ଭିତ୍ତିଭୂମି ବିକାଶ ପାଇଁ ମାନ୍ୟବର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରାଥମିକତା ଦେଉଛନ୍ତି ଏବଂ ବିକାଶମୂଳକ କାର୍ଯ୍ୟ ଉପରେ ମଧ୍ୟ ନଜର ରଖିଛନ୍ତି । ତେଣୁ, ଧାର୍ଯ୍ୟ ଅବଧିରେ ପ୍ରକଳ୍ପ କାର୍ଯ୍ୟ ସମାପ୍ତିକୁ ପ୍ରାଥମିକତା ଦିଆଯିବା ଉଚିତ ବୋଲି ଶ୍ରୀ ସୁନକର କହିଛନ୍ତି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ମନୋଜ ଶର୍ମା, ଅତିରିକ୍ତ ମହାପ୍ରବନ୍ଧକ ଶ୍ରୀ ଶରଦ କୁମାର ଶ୍ରୀବାସ୍ତବ ଏବଂ ରେଳପଥର ପ୍ରମୁଖ ବିଭାଗୀୟ ଅଧିକାରୀ ଯଥା ମୁଖ୍ୟ ପ୍ରଶାସକ / ନିର୍ମାଣ, ପ୍ରମୁଖ ଯନ୍ତ୍ରି, ପ୍ରମୁଖ ପରିଚାଳନା ପ୍ରବନ୍ଧକ, ପ୍ରମୁଖ ବାଣିଜ୍ୟିକ ପ୍ରବନ୍ଧକ, ପ୍ରମୁଖ ବୈଦ୍ୟୁତିକ ଯନ୍ତ୍ରି, ପ୍ରମୁଖ ସାଙ୍କେତିକ ଓ ଟେଲିଯୋଗାଯୋଗ ଯନ୍ତ୍ରି ଏବଂ ପ୍ରମୁଖ ଭଣ୍ଡାର ପ୍ରବନ୍ଧକ ପ୍ରଭୃତି ଏହି ସମୀକ୍ଷା ବୈଠକରେ ଉପସ୍ଥିତ ଥିଲେ ।

# ନବୀନ ବାବୁଙ୍କ ଶାସନ କାଳରେ ଓଡ଼ିଶା କୃଷକମାନଙ୍କର ଆୟ ଦ୍ୱିଗୁଣିତ ହେବା ପରିବର୍ତ୍ତେ ଆୟ ବହୁପରିମାଣରେ କମି କମି ଯାଉଛି : କଂଗ୍ରେସ



ଭୁବନେଶ୍ୱର,(ପି.ଏନ): ଓଡ଼ିଶା ସରକାର ଓଡ଼ିଶାର କୃଷକଙ୍କର ଆୟ ଦ୍ୱିଗୁଣିତ କରିବା ପାଇଁ ବହୁ ସମୟରେ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି ୨୦୧୨-୧୩ ମସିହାରେ ଖୋଦ୍ ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରି କହିଥିଲେ, ସାରା ଭାରତ ବର୍ଷରେ ଓଡ଼ିଶା ଏକମାତ୍ର ରାଜ୍ୟ, ଯେଉଁଠି ରାଜ୍ୟ କୃଷକ ମାନଙ୍କର ଆୟକୁ ସରକାର ଦ୍ୱିଗୁଣିତ କରିଛନ୍ତି ବୋଲି କିନ୍ତୁ ବାସ୍ତବ ଚିତ୍ର ଆଜି ଯାହା ବର୍ଣ୍ଣନା କରୁଛି ତାହା ରାଜ୍ୟର ନବୀନ ସରକାରଙ୍କର ଦୃଢ଼ୋକ୍ତି ଏକ ବୃଥା ଆସ୍ଫାଳନ ବୋଲି ପ୍ରମାଣିତ କରୁଛି। ୨୦୧୨-୧୩ ମସିହା ଠାରୁ ଆରମ୍ଭ କରି ୨୦୨୨-୨୩, ଏହି ୧୦ ବର୍ଷ ଭିତରେ ରାଜ୍ୟର କୃଷକ ପରିବାରର ମାସିକ ଆୟ ଦ୍ୱିଗୁଣିତ ହେବା ପରିବର୍ତ୍ତେ ୨୦୧୨-୧୩ ମସିହା ଆୟ ଠାରୁ ୩ ଟଙ୍କା କମିଛି ବୋଲି ଆଜି ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ପ୍ରଦେଶ କଂଗ୍ରେସ ଭବନରେ ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଥିଲେ ଯେ, ୨୦୧୨-୧୩ ମସିହାରେ ଏନ୍.ଏସ୍.ଏସ୍. ଓ. ରିପୋର୍ଟର ତଥ୍ୟ ଆଧାରରେ ଓଡ଼ିଶାର ଏକ କୃଷକ ପରିବାରର ମାସିକ ଆୟ ୪୯୫୩ ଟଙ୍କା ଥିଲା। କିନ୍ତୁ ୨୦୨୨ ମସିହାରେ ରାଜ୍ୟର ଏକ କୃଷକ ପରିବାରର ବାର୍ଷିକ ଆୟ ୫୯୪୪୦ ଟଙ୍କା ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଏହି ହିସାବ ଅନୁପାତରେ ଗୋଟେ କୃଷକ ପରିବାର ମାସକୁ ଆୟ ୪୯୫୦ ଟଙ୍କା ପାଖାପାଖି ଅଟେ। ଅର୍ଥାତ ଏହି ଦଶ ବର୍ଷ ଭିତରେ ନବୀନ ପଟ୍ଟନାୟକ ସରକାର କୃଷକମାନଙ୍କର ଆୟ ଦ୍ୱିଗୁଣିତ କରିବାରେ ସଫଳ ହୋଇନାହାନ୍ତି ବୋଲି ଏହି ତଥ୍ୟରୁ ସ୍ପଷ୍ଟ ପ୍ରମାଣିତ ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା ୨୦୧୮ - ୨୦୧୯ ମସିହାରେ ଏନ୍.ଏସ୍.ଏସ୍.ଓ. ତଥ୍ୟ ଅନୁସାରେ ଓଡ଼ିଶାର ଏକ କୃଷକ ପରିବାରର ମାସିକ ଆୟ ୫୧୧୨ ଟଙ୍କା ଥିଲା ଏବଂ ଓଡ଼ିଶା ଭାରତ ବର୍ଷର ଦ୍ୱିତୀୟ ନ୍ୟୁନତମ ଆୟକାରୀ ରାଜ୍ୟ ରୂପେ ପରିଗଣିତ ହେଲା। କିନ୍ତୁ ସେହି ସମୟରେ ଭାରତ ବର୍ଷର ବହୁ ଛୋଟ ଛୋଟ ରାଜ୍ୟମାନଙ୍କର କୃଷକ ମାନଙ୍କର ଆୟ ଓଡ଼ିଶାର କୃଷକ ମାନଙ୍କର ଆୟ ଠାରୁ ବହୁ ଅଧିକ। ଛତିଶଗଡ଼ ଏକ କୃଷକ ପରିବାରର ଆୟ ୭୫୪୨ ଟଙ୍କା, ତ୍ରିପୁରାରେ ୯୯୧୮ ଟଙ୍କା, ନାଗାଲାଣ୍ଡରେ ୮୮୭୭ ଟଙ୍କା ଥିଲାବେଳେ ରାଜସ୍ଥାନରେ ୧୨୫୨୦ ଟଙ୍କା। ଓଡ଼ିଶାରେ ଏଭଳିସ୍ଥିତ କାହିଁକି ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି? ୭୭ତମ ଏନ୍.ଏସ୍.ଏସ୍.ଓ ରିପୋର୍ଟ ଅନୁସାରେ ଓଡ଼ିଶାରେ ଗୋଟିଏ କୃଷକ ପରିବାର ଦିନକୁ ମାତ୍ର ୧୭୦ ଟଙ୍କା ରୋଜଗାର କରନ୍ତି କିନ୍ତୁ ରାଜ୍ୟ ସରକାର କୃଷକମାନଙ୍କର ଆୟ ଦ୍ୱିଗୁଣିତ ହୋଇଛି ବୋଲି ଡିଣ୍ଡିମୋ ପିଟିବା ଏକ ହାସ୍ୟାସ୍ପଦ କଥା। ସତ କିଏ କହୁଛି, ଯଦି ରାଜ୍ୟରେ ପ୍ରକୃତରେ କୃଷକମାନଙ୍କର ଆୟ ଦ୍ୱିଗୁଣିତ ହୋଇଛି ତାହାଲେ ଏଭଳି ତଥ୍ୟ କାହିଁକି ପ୍ରକାଶ ପାଉଛି। ୨୦୧୮-୧୯ ମସିହାରେ ଆୟକୁ ହିସାବକୁ ନେଲେ ୨୦୨୨ ମସିହାରେ କୃଷକ ପରିବାରର ଆୟ ୬୨ ଟଙ୍କା କମିଗଲାଣି। ୨୦୦୦ ମସିହାରୁ ଆଜିପର୍ଯ୍ୟନ୍ତ ନବୀନ ସରକାର କୃଷକ ମାନଙ୍କର ଆୟକୁ ଦ୍ୱିଗୁଣିତ କରିବା ପାଇଁ ତିନି ତିନିଥର ଧାର୍ଯ୍ୟ ସମୟ ସ୍ଥିର କରିଥିଲେ ସୁଧା ଏହା ସମ୍ଭବ ହୋଇନାହିଁ। ରାଜ୍ୟର ଏ ପର୍ଯ୍ୟନ୍ତ କେତେ ସଂଖ୍ୟାକ କୃଷକ ଅଛନ୍ତି ଏବଂ କେତେ ସଂଖ୍ୟକ କୃଷି ଶ୍ରମିକ ଅଛନ୍ତି ଏମାନଙ୍କର ସଠିକ୍ ତଥ୍ୟ ମଧ୍ୟ ରାଜ୍ୟ ସରକାରଙ୍କ ପାଖରେ ନାହିଁ। ରାଜ୍ୟ ସରକାର କେତେବେଳେ କହୁଛନ୍ତି ୪୨ ଲକ୍ଷ କୃଷକ ପରିବାର ଅଛନ୍ତି, କେତେବେଳେ ୫୩ ଲକ୍ଷ କୃଷକ ପରିବାର ଅଛନ୍ତି। ଯେଉଁ ରାଜ୍ୟ ସରକାରଙ୍କ ପାଖରେ ଏହି ତଥ୍ୟଟି ନାହିଁ ସେଠି କୃଷକମାନଙ୍କର ଆୟ କିଭଳି ଦ୍ୱିଗୁଣିତ ହେବ ସେ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସରକାର ସମୟରେ ଯେତେଗୁଡ଼ିକ କୃଷିଭିତିକ ଶିଳ୍ପ ହୋଇଥିଲା ସେ ସବୁ ଏ ସରକାର ସମୟରେ ବନ୍ଦ ହୋଇଗଲା। ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିଯୋଗର ସ୍ୱପ୍ନ ଦେଖାଯାଉଛି କିନ୍ତୁ ରାଜ୍ୟରେ ଗୋଟିଏ ବୋଲି କୃଷିଭିତିକ ଶିଳ୍ପ ବା ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ଗତ ୨୩ ବର୍ଷ ଭିତରେ ପ୍ରତିଷ୍ଠା କରାଯାଇପାରିଲେ ନାହିଁ। ୨୦୧୮ ମସିହା ଡିସେମ୍ବର ମସିହାରେ ରାଜ୍ୟ ସରକାର କାଳିଆ ଯୋଜନା ପ୍ରଣୟନ କଲେ ଏବଂ ଏହି ଯୋଜନା ଦ୍ୱାରା କୃଷକମାନଙ୍କର ଆୟ ବୃଦ୍ଧି ଘଟିବ ଏବଂ କୃଷକ ମାନେ ଋଣଗ୍ରସ୍ତ ହେବେ ନାହିଁ ବୋଲି ସରକାର ଦୃଢ଼ୋକ୍ତି ପ୍ରକାଶ କଲେ। ଯୋଜନାକୁ ୫ ବର୍ଷ ହେଲାଣି।

# ଲୋକାର୍ପିତ ଶଙ୍ଖ ଭବନ ଉତ୍ସବରେ ସାମିଲ ହେଲେ କନ୍ଧମାଳର ସମସ୍ତ ଜନ ପ୍ରତିନିଧି



ଫୁଲବାଣୀ,(ପି.ଏନ): ଚଳିତ ବର୍ଷ ଅକ୍ଷୟ ତୃତୀୟା ଦିନ ଶାସକ ବିଜୁ ଜନତା ଦଳ ଭୁବନେଶ୍ୱରରେ ନୂତନ ଭାବେ ନିର୍ମିତ ଶଙ୍ଖ ଭବନ ଲୋକାର୍ପିତ ହୋଇଯାଇଛି । ଏହି ଶଙ୍ଖଭବନର ୨୦୨୧ ରଥ ଯାତ୍ରା ସମୟରେ ଏହି କୋଠାର ମୂଳଦୁଆ ପକାଯାଇଥିଲା କ୍ଷବିଜେଡିର ଏହି ନୂତନ ପାର୍ଟୀ ମୁଖ୍ୟାଳୟ କୋଠାରେ ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟକୁ ଚିତ୍ରିତ ପଥର ଖୋଦାରେ ସଜାଯାଇଛି। ଏହି ତିନି ମହଲା ବିଶିଷ୍ଟ କୋଠାରେ ଏକ ବଡ଼ ବେସମେଣ୍ଟ ପାର୍କିଂ, ୨୦୦୦ ଲୋକଙ୍କୁ ଧାରଣ କରିବାର କ୍ଷମତା ବିଶିଷ୍ଟ ଏକ ବୃହତ ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ ହଲ୍, ୨୫୦ ପାଇଁ ଏକ ଅଡିଟୋରିୟମ୍ ଏବଂ ଏକ କ୍ୟାଣ୍ଟିନ ଅଛି । ନିୟମିତ ପ୍ରେସ୍ ମିଟ୍ ପାଇଁ ଏହାର ଏକ ସ୍ୱତନ୍ତ୍ର ହଲ୍ ମଧ୍ୟ ଅଛି କ୍ଷ ଏସବୁ ବିଲ୍ଡିଂର ପ୍ରଥମ ମହଲାରେ ଅବସ୍ଥିତ କ୍ଷ ଦଳର ଅଫିସ୍ ଧାରକ ମାନେ ଦ୍ୱିତୀୟ ମହଲାରେ ସେମାନଙ୍କର ଚାମ୍ବର ରଖିବେ । ଏହି ଉଦ୍ଦେଶ୍ୟ ରେ ଏହି ଚଟାଣରେ ୩୦ ଟି ଜିଲ୍ଲା ପାଇଁ ୩୦ଟି କୋଠରୀ ଅଛି । ଏହି କୋଠା ବିଜୁ ଜନତା ଦଳର ରାଜ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ'କୁ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାବାସୀ ଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଛନ୍ତି । ଆଗାମୀ ଦିନରେ ଏହା ଓଡ଼ିଶାବାସୀଙ୍କ ପାଇଁ ଆହୁରି କାମ କରିବା ପାଇଁ ପ୍ରେରଣା ଯୋଗାଇବ। ଏହି ଅବସରରେ କନ୍ଧମାଳ ଜିଲ୍ଲା ବିଜୁ ଜନତା ଦଳ ପର୍ଯ୍ୟବେକ୍ଷକ ବିଜୟ ନାୟକ, ସାଂସଦ ଡ଼ଃ.ଅଚ୍ୟୁତ ସାମନ୍ତ କନ୍ଧମାଳ ଜିଲ୍ଲାର ତିନି ବିଜେଡି ବିଧାୟକ ଅଙ୍ଗଦ କହଁର,ଚକ୍ରମଣି କହଁର ଏବଂ ସାଲୁଗା ପ୍ରଧାନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣ, ରୋଦନ ମଲ୍ଲିକ,ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ, ବାଲିଗୁଡା ବିଜେଡି ସଭାପତି ଟୁନା ଦାଶ, ଛାତ୍ର ସଭାପତି ସୁନିଲ ସେଠୀଙ୍କ ସମେତ ବରିଷ୍ଠ କର୍ମକର୍ତ୍ତା ଓ ଲୋକ ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟର ପ୍ରଶଂସା କରିବା ସହ ଏହାକୁ ଗାଁ ଗାଁରେ ପହଞ୍ଚାଇବାକୁ କନ୍ଧମାଳ ଜିଲ୍ଲା ବିଜେଡି ପର୍ଯ୍ୟବେକ୍ଷକ ବିଜୟ ନାୟକ ପରାମର୍ଶ ଦେଇଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray